# ଜାତୀୟ ମହିଳା ଆୟୋଗ ଓ ଓଡ଼ିଶା ରାଜ୍ୟ ମହିଳା ଆୟୋଗଙ୍କ ଜନଶୁଣାଣି

ବାଲେଶ୍ୱର, ୧୨।୩(ମୃତ୍ୟୁଞ୍ଜୟ ପଟ୍ଟନାୟକ)



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅଧିକାରୀଗଣ।

ବାଲେଶ୍ୱର ଜିଲାପାଳଙ୍କ ଅଡିଟୋରିୟମ ହଲରେ ଗୁରୁବାର ଜାତୀୟ ମହିଳା ଆୟୋଗ ଓ ଓଡିଶା ରାଜ୍ୟ ମହିଳା ଆୟୋଗଙ୍କ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ମହିଳା ଆୟୋଗ ଅଧ୍ୟକ୍ଷା ଶୋଭନା ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ତାଙ୍କସହିତ ବାଲେଶ୍ୱର ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲାପାଳ ସୁଧାକର ନାଏକ, ଜିଲା ସମାଜ ମଙ୍ଗଳ ଅଧିକାରିଣୀ ଜ୍ୟୋତ୍ସ୍ନା ମହାନ୍ତି, ଓଡ଼ିଶା ମହିଳା ଆୟୋଗ ସଭ୍ୟା ପ୍ରତିଭା ଶତପଥି, ମୁକ୍ତା ସାହୁ ଓ କନଭେନର ପ୍ରିୟଦର୍ଶିନୀ ଆଚାର୍ଯ୍ୟ ଓ ସନନ୍ଦା ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ଘରୋଇ ହିଂସା, ନିର୍ଯାତନା, ଯୌତୁକ, ସମ୍ପତ୍ତି ବିବାଦ, କାର୍ଯ୍ୟସ୍ଥଳୀରେ ନିର୍ଯାତନା, ବୈବାହିକ ବିବାଦ କ୍ଷେତ୍ରରେ ମହିଳାଙ୍କ ପାଇଁ ଯେଉଁସବୁ ସମସ୍ୟା ଉପୁଜି ଥାଏ, ତାହା ଜନଶୁଣାଣି କାର୍ଯ୍ୟକ୍ରମରେ ଶୀଘ୍ର ସମାଧାନ ହୋଇଥାଏ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ବାମଦେବ ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ। ସଭା ପରେ ଜନଶୁଣାଣି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା।

ବାଲେଶ୍ୱର ଓ ଭଦ୍ରକ ଜିଲାର ସର୍ବମୋଟ ୪୧ଟି ଅଭିଯୋଗ ପଞ୍ଜିକରଣ ହୋଇଥିଲା। ତନ୍ମଧ୍ୟରୁ ୩୦ଟି ଅଭିଯୋଗ ଜନଶୁଣାଣି ପୋର୍ଟାଲରେ ପଞ୍ଜିକରଣ ହୋଇଥିବା ବେଳେ ୧୧ଟି ଅଭିଯୋଗ ଗୁରୁବାର ଜନଶୁଣାଣି ବେଳେ ପଞ୍ଜିକରଣ ହୋଇଛି। ତେବେ ପୋର୍ଟାଲରେ ପଞ୍ଜିକୃତ ହୋଇଥିବା ୩୦ ଅଭିଯୋଗରୁ ୨୮ ଅଭିଯୋଗର ବିଚାର କରାଯାଇଥିଲା। ବକେୟା ୨ଟି ଅଭିଯୋଗ ମୁଦଲା ମୁଦେଇଙ୍କ ଅନୁପସ୍ଥିତି କାରଣରୁ ବିଚାର କରାଯାଇ ନ ଥିଲା। ଗୁରୁବାର ପଞ୍ଜିକୃତ ହୋଇଥିବା ୧୧ଟି ଅଭିଯୋଗର କୌଣସି ବିଚାର କରାଯାଇ ନ ଥିଲା। ବିଚାର କରାଯାଇଥିବା ଅଭିଯୋଗଗୁଡ଼ିକ ମଧ୍ୟରୁ ୧୧ଟି ଅଭିଯୋଗର ଉଭୟପକ୍ଷ ଉପସ୍ଥିତ ଥିଲେ। ମାତ୍ର ୧୫ ଅଭିଯୋଗରେ କେବଳ ଅଭିଯୋଗକାରୀ ଥିଲା ବେଳେ ୨ଟି ଅଭିଯୋଗରେ କେବଳ ପ୍ରତିପକ୍ଷ ଉପସ୍ଥିତ ଥିଲେ। ବିଚାର କରାଯାଇଥିବା ମାମଲାଗୁଡ଼ିକ ମଧ୍ୟରୁ ୮ଟି ଅଭିଯୋଗ ତତ୍କାଳ ସମାଧାନ କରାଯାଇଥିଲା। ଏସ୍‌ପି ଦିବାକରଙ୍କ ପାଖକୁ ୬ଟି ଅଭିଯୋଗ ହସ୍ତାନ୍ତର କରାଯାଇଥିବା ବେଳେ ଗୋଟିଏ ଅଭିଯୋଗ ଜିଲା ସୁରକ୍ଷା ଅଧିକାରିଣୀ ଯୁଥିକାରାଣୀ ରାୟ ଏବଂ ୬ଟି ଅଭିଯୋଗ ଜିଲା ଆଇନ ସେବା ପ୍ରାଧିକରଣ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଇଛି। ଆଉ ୭ଟି ଅଭିଯୋଗର ପରବର୍ତ୍ତୀ ଜନଶୁଣାଣି କାର୍ଯ୍ୟକ୍ରମରେ ବିଚାର ହେବ ବୋଲି ଜାଣିବାକୁ ମିଳିଛି।

# ପ୍ରଶାସନକୁ ମାନୁନାହାନ୍ତି ବାଲି ଚାଲାଣକାରୀ

ବାଲିଆପାଳ, ୧୨।୩(ଗୋପାଳ ଚନ୍ଦ୍ର ସାହୁ)

ବାଲିଆପାଳ ତହସିଲ ଅଧୀନ ନିଖିରା ପଞ୍ଚାୟତର ସୁବର୍ଣ୍ଣରେଖାର ନଦୀ ଅନ୍ୟପଟ ମାନପୁର ଗ୍ରାମରେ ବାଲି ଚୋରାଚାଲାଣ କରାଯାଉଥିବା ରାସ୍ତାକୁ ବସ୍ତା ଜୁନିୟର ଖଣି ଅଧିକାରୀ ସତ୍ୟଚିନ୍ମୟ ଜେନା ମଙ୍ଗଳବାର ଜେସିବି ଲଗାଇ ତାଡ଼ିବା ସହିତ ବିଭିନ୍ନ ଗଳି ରାସ୍ତାରେ ଖୁଣ୍ଟି ମାରି ଅବରୋଧ କରିଥିଲେ। ଫଳରେ ବାଲି ଚୋରାଚାଲାଣକାରୀମାନେ ନୂଆ ରାସ୍ତା ଆପଣେଇବା ଆରମ୍ଭ କରିଛନ୍ତି। ପନ୍ତେଇ ଘାଟ ନିକଟରୁ ବୁଧବାର ଦୁଇଟି ବେଆଇନ ବାଲି ବୋଝେଇ ଟ୍ରାକ୍ଟରକୁ ଖଣି ଅଧିକାରୀ ଜେନା ଜବତ କରି ଥାନାକୁ ଆଣିବା ପରେ ମଧ୍ୟ ସେଠାରେ ପୁଣି ବାଲି ଚୋରି ଆରମ୍ଭ ହୋଇଛି। ନିକ୍ଷୀରା ପଞ୍ଚାୟତ ପାଳପଡ଼ା ଗ୍ରାମ ପାର୍ଶ୍ୱବର୍ତ୍ତୀ ସୁବର୍ଣ୍ଣରେଖା ନଦୀ ଅବବାହିକାରୁ ପ୍ରଥମେ ଯନ୍ତ୍ରଚାଳିତ ଡଙ୍ଗା ଓ ପରେ ଟ୍ରାକ୍ଟର ସାହାଯ୍ୟରେ ବାଲି ଚୋରାଚାଲାଣ ବେଳେ ବେପରୁଆ ଟ୍ରାକ୍ଟର ଚଳାଚଳକୁ ସ୍ଥାନୀୟ ଲୋକେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

# ଚଣ୍ଡିପୁରରେ ଚଣ୍ଡୀ ମନ୍ଦିର ପ୍ରତିଷ୍ଠା ଉତ୍ସବ

ବାଲେଶ୍ୱର, ୧୨।୩(ମୃତ୍ୟୁଞ୍ଜୟ ପଟ୍ଟନାୟକ): ବାଲେଶ୍ୱର ସଦର ବ୍ଲକ ରାଇସୁଆଁ ପଞ୍ଚାୟତ ଚଣ୍ଡିପୁର ଗ୍ରାମରେ ମା' ଚଣ୍ଡିଙ୍କର ମନ୍ଦିର ପ୍ରତିଷ୍ଠା ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ଶହେ ବର୍ଷ ଧରି ଚଣ୍ଡିପୁର ଗ୍ରାମରେ ମା' ଚଣ୍ଡୀପୂଜା ପାଇଆସୁଥିଲେ। ମା'ଙ୍କ ପୂଜାର୍ଚ୍ଚନାକୁ ଶହେ ବର୍ଷ ପୂର୍ତ୍ତି ଅବସରରେ ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ ମନ୍ଦିରର ଉନ୍ନତୀକରଣ ପରେ ଚଣ୍ଡି ମନ୍ଦିର ପ୍ରତିଷ୍ଠା ଉତ୍ସବ ବୁଧବାର ଆରମ୍ଭ ହୋଇଥିଲା। ବିଭିନ୍ନ ରୀତିନୀତି ପରେ ଗୁରୁବାର ଘଟ ଉତ୍ତୋଳନ ଓ ଶତାଧିକ ମହିଳା ବାରିଣୀ ପୋଲ ନିକଟରୁ କଳସ ଶୋଭାଯାତ୍ରାରେ ବାହାରି ମା' ଚଣ୍ଡିଙ୍କର ମନ୍ଦିରରେ ପହଞ୍ଚିଥିଲେ। ପରେ ସଂକଳ୍ପ, ଅଗ୍ନି ଆଶାଧନ ଓ ଯଜ୍ଞାରମ୍ଭ କରାଯାଇଥିଲା। ରବିବାର ମା' ଚଣ୍ଡିଙ୍କର ପୂର୍ଣ୍ଣାହୂତି ସମ୍ପନ୍ନ ହେବ। ମନ୍ଦିର ପରିଚାଳନା କମିଟି ସଭାପତି କିଶୋର କୁମାର ମହାନ୍ତି, ସମ୍ପାଦକ ତଥା ରାଇସୁଆଁ ସରପଞ୍ଚ ଅଜିତ କୁମାର ମହାପାତ୍ର, ସମସ୍ତ ସଦସ୍ୟ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

# ସରକାରୀ ଜାଗାରେ ମାଟି ପକାଇ ପାଣିନାଳ ବନ୍ଦ ଉଦ୍ୟମ


ତହସିଲଦାର ଅଭିଯୋଗର ତଦନ୍ତ କରୁଛନ୍ତି।

ଖଇରା, ୧୨।୩(ଉତ୍କଳବନ୍ଧୁ ପଣ୍ଡା)

## ପ୍ରତିବାଦ କଲେ ଗ୍ରାମବାସୀ

ବାଲେଶ୍ୱର ଜିଲା ଖଇରା ତହସିଲ କୁପାରୀ ରାଜସ୍ୱ କ୍ଷେତ୍ର ଅଧିନ ଶାରିଶୁଆ ପାହାଡ ସଂଲଗ୍ନ ସରକାରୀ ଜାଗାରେ ଥିବା ଝରଣା ବା ପାଣିନାଳକୁ କେତେଜଣ ବ୍ୟକ୍ତି ମାଟି ପକାଇ ଅବରୋଧ କରିବାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ପ୍ରତିବାଦ କରିବା ସହ ଧାରଣାରେ ବସିଥିଲେ। ତହସିଲଦାର ଅମିତ ରଞ୍ଜନ ହୋତା ପହଞ୍ଚି ଆବଶ୍ୟକ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଧାରଣାରୁ ଓହରିଥିଲେ।

ଏହି କୁପାରୀ ରାଜସ୍ୱ କ୍ଷେତ୍ର ଅଧୀନ ଶାରୀଶୁଆ କପିଳଝରି ବନ୍ଧନଟା ଗ୍ରାମର ଲୋକମାନେ ବିଶେଷ କରି ଉପରୋକ୍ତ ଝରଣା ପାଣି ଉପରେ ଚାଷକାର୍ଯ୍ୟ ପାଇଁ ନିର୍ଭର କରିଥାନ୍ତି। ପାହାଡର ୩୨୫ ନଂ. ପ୍ଲଟ ମଧ୍ୟଦେଇ ଝରଣା ପାଣି ପ୍ରବାହିତ ହୋଇ ଚାଷ ଜମିକୁ ମାଡିଥାଏ। ସ୍ଥାନୀୟ ବାସିନ୍ଦାମାନେ ଚାଷ ପାଇଁ ମୁଖ୍ୟତଃ ଏହି ପାଣି ଉପରେ ନିର୍ଭର କରିଥାନ୍ତି। ବୁଧବାର ବିଳମ୍ବିତ ରାତିରେ କିଛି ଲୋକ ବେଆଇନ ଭାବେ ମାଟି ପକାଇ ପାଣିନାଳକୁ ପୋତି ଦେବା ଦ୍ୱାରା ଉକ୍ତ ନାଳ ଦେଇ ଆସୁଥିବା ଝରଣା ପାଣି ବନ୍ଦ ହୋଇଯାଇଥିଲା। ଖବର ପାଇ ୨ ପଞ୍ଚାୟତର ୫ଟି ଗ୍ରାମର ଅଧିବାସୀଙ୍କର ୧୦୦ଏକରରୁ ଅଧିକ ଚାଷ ଜମିର ଚାଷ ନଷ୍ଟ ହେବା ଆଶଙ୍କାରେ ଗ୍ରାମବାସୀ ପ୍ରତିବାଦ କରିବା ସହ ଧାରଣାରେ ବସିଥିଲେ। ଅନ୍ୟପଟେ ଜଙ୍ଗଲ ଜମିରେ ଥିବା ନାଳ ସଂଲଗ୍ନ ଜାଗାକୁ କିଭଳି ଭାବେ ଘର ବାଡ଼ି କରିବାକୁ ଅନୁମତି ଦିଆଗଲା ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆବଶ୍ୟକ ତଦନ୍ତ ପରେ ସତ୍ୟାସତ୍ୟ ପଦାକୁ ଆସିବ ବୋଲି ତହସିଲଦାର ପ୍ରକାଶ କରିଛନ୍ତି। ଶାରୀଶୁଆ ପାହାଡ଼ରେ ଖଣି ଖନନ ବନ୍ଦ ରହିଥିବା ବେଳେ ପ୍ରଶାସନ ପକ୍ଷରୁ କିଭଳି କ୍ରଶର ବସାଇବା ପାଇଁ ଅନୁମତି ଦିଆଯିବା ବଡଧରଣର ଦୁର୍ନୀତି କୁ ସୁଚାଉଛି।

# ୧୪ରେ ଟିପିଏନ୍‌ଓଡିଏଲ୍ ପକ୍ଷରୁ ରାଷ୍ଟ୍ରୀୟ ଲୋକ ଅଦାଲତ

## ପ୍ରବର୍ତ୍ତନ ସମ୍ପର୍କିତ ମାମଲାର ହେବ ସହଜ ସମାଧାନ

ବାଲେଶ୍ୱର, ୧୨।୩(ବାଞ୍ଛାନିଧି ଦେ)

ଟିପିଏନ୍‌ଓଡିଏଲ୍ ପକ୍ଷରୁ ରାଷ୍ଟ୍ରୀୟ ଲୋକ ଅଦାଲତ ତଥା ସମାଧାନ ଶିବିର ଆସନ୍ତା ମାର୍ଚ୍ଚ ୧୪ ତାରିଖ ଶନିବାର ଡିଭିଜନ୍, ସବ୍‌ଡିଭିଜନ୍ କାର୍ଯ୍ୟାଳୟ ଏବଂ କଚେରୀ ପରିସରରେ ଅନୁଷ୍ଠିତ ହେବ। ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, ଯାଜପୁର ଓ ମୟୂରଭଞ୍ଜ ଜିଲାର ବିଦ୍ୟୁତ୍ ଉପଭୋକ୍ତାମାନେ ଅନଧିକୃତ ବିଦ୍ୟୁତ୍ ବ୍ୟବହାର ଏବଂ ବିଦ୍ୟୁତ୍ ଚୋରି ସମ୍ବନ୍ଧୀୟ ମାମଲାଗୁଡ଼ିକର ଏକକାଳୀନ ସମାଧାନ କ୍ଷେତ୍ରରେ ସହାୟତା ପାଇପାରିବେ। ଏହି ଲୋକ ଅଦାଲତ ସକାଳ ୯ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବାବେଳେ ଉପଭୋକ୍ତାମାନେ ଅଧିକ ବିବରଣୀ ପାଇଁ ନିକଟସ୍ଥ ଟିପିଏନ୍‌ଓଡିଏଲ୍ ଉପଖଣ୍ଡ କିମ୍ବା ଡିଭିଜନ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିପାରିବେ।

ପ୍ରବର୍ତ୍ତନ ଅଧିକାରୀ, ଆଇନ ବିଶେଷଜ୍ଞ ଓ ଉପଭୋକ୍ତା ସହାୟତା କର୍ମଚାରୀମାନଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ଟିମ୍ ଲୋକ ଅଦାଲତରେ ଉପସ୍ଥିତ ରହି ଉପଭୋକ୍ତାମାନଙ୍କୁ ଆନୁଷଙ୍ଗିକ ସହାୟତା ପ୍ରଦାନ କରିବେ। ଉପଭୋକ୍ତାମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ ପହଞ୍ଚି ମାର୍ଗଦର୍ଶନ ଓ ସହାୟତା ପାଇପାରିବେ। ଟିପିଏନ୍‌ଓଡିଏଲ୍‌ର ଏଭଳି ପଦକ୍ଷେପ ଦାୟିତ୍ୱପୂର୍ଣ୍ଣ ବିଜୁଳି ବ୍ୟବହାରକୁ ପ୍ରୋତ୍ସାହିତ କରିବା ସହ କାର୍ଯ୍ୟାନ୍ୱୟନ ସମ୍ବନ୍ଧୀୟ ମାମଲାଗୁଡ଼ିକର ସମାଧାନକୁ ଶୃଙ୍ଖଳିତ କରିବାରେ ସହାୟକ ହେବ। ବିଜୁଳି ବ୍ୟବହାରରେ ସ୍ୱଚ୍ଛତା ଓ ନିୟମିତତା ରକ୍ଷା ହେବା ସହ ଉପଭୋକ୍ତା ଅନୁକୂଳ ବ୍ୟବସ୍ଥା ସ୍ଥାପିତ ହୋଇପାରିବ। ସେହିପରି ବିଦ୍ୟୁତ୍ ଚୋରିରୁ ନିବୃତ୍ତ ରହିବାକୁ ମଧ୍ୟ ଉପଭୋକ୍ତାମାନଙ୍କୁ ଟିପିଏନଓଡିଏଲ ପରାମର୍ଶ ଦେଇଛି।

# ୨୧୨ ହିତାଧିକାରୀ ପଞ୍ଜୀକୃତ


ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର।

ଜଳେଶ୍ୱର, ୧୨।୩(ନବୀନ ସାହୁ)

ଜଳେଶ୍ୱର ପୌରପାଳିକା କାର୍ଯ୍ୟାଳୟ ପରିସରରେ ଗୁରୁବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ପୌର ଅଧିକାରୀ ହେମନ୍ତ ସିଂ ଏବଂ ଅତିରିକ୍ତ ତହସିଲଦାର ଚକ୍ରଧର ମଲ୍ଲିକ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତରମାନେ ଯୋଗଦେଇ ହିତାଧିକାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଚିହ୍ନଟ କରିଥିଲେ। ମୋଟ ୨୧୨ ହିତାଧିକାରୀ ଶିବିରରେ ନାମ ପଞ୍ଜିକରଣ କରିଥିଲେ। ଅସ୍ଥିଶଲ୍ୟ, ରକ୍ତହୀନତା ଓ ସ୍ନାୟୁ ବିଭାଗ ୧୧୦ଜଣ, ଦୃଷ୍ଟିବାଧିତ ବିଭାଗ ୨୮ଜଣ, ମାନସିକ ଅଗ୍ରସର ବିଭାଗ ୩୨ଜଣ, ମେଡିସିନ ୨୮, ବହୁବିଧଭିନ୍ନ କ୍ଷମତା ୧୪ ସାମୂହିକ ସହଭାଗିତା କାର୍ଯ୍ୟକ୍ରମକୁ ସଫଳ କରିବାରେ ପୌରପାଳିକାର ସମସ୍ତ କାଉନସିଲର, ଅଙ୍ଗନୱାଡି କର୍ମୀ ସହଯୋଗ କରିଥିଲେ।

# ଡୁଡ଼ିଗଡ଼ିଆରେ ଆନ୍ତର୍ଜାତିକ ମହିଳା ଦିବସ


ଆନ୍ତର୍ଜାତିକ ମହିଳା ଦିବସରେ ଉପସ୍ଥିତ ଅତିଥିବୃନ୍ଦ।

ଖଇରା, ୧୨।୩(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଡୁଡିଗଡିଆ ଶହୀଦ ଜନ କଲ୍ୟାଣ ପରିଷଦ କାର୍ଯ୍ୟାଳୟରେ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି। ପ୍ରିୟଦର୍ଶନୀ ମହିଳା ସମିତି ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ତୁଳସୀ ପରିଡା ସଭାପତିତ୍ୱ କରିଥିଲେ। ସୋର ପୁରୁବାଇ କନ୍ୟାଶ୍ରମର ମୁଖ୍ୟ ସୁମତୀ ମହାନ୍ତି ମୁଖ୍ୟଅତିଥି, ଡିଆଇସି ପରିଚାଳକ ରତିରଞ୍ଜନ ପାଣିଗ୍ରାହୀ ମୁଖ୍ୟବକ୍ତା, ଆଇନଜୀବୀ ଶାନ୍ତିଲତା ମିଶ୍ର, ପ୍ରିୟଦର୍ଶନୀ ମହିଳା ସମିତି ସଭାପତି ଶିବାନୀ ମହାନ୍ତି ଓ ସଞ୍ଜୁବାଳା ମହାନ୍ତି ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ମହିଳାମାନେ ସ୍ୱାବଲମ୍ବୀ ହୋଇ ନିଜକୁ ସମାଜସେବାରେ ସାମିଲ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ସୁଲୋଚନା ମହାନ୍ତି ଅତିଥି ପରିଚୟ, ହେମଲତା ଶିଅଳ, ମେନକା ପାଣ୍ଡିଆ ସ୍ୱାଗତ ସଙ୍ଗୀତ, ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ମହିଳା ସମିତି ସଭ୍ୟ ସାବିତ୍ରୀ, ସୁଲୋଚନା ପ୍ରମୁଖ ସହଯୋଗ କରିଥିଲେ।

# ତ୍ରିବେଣୀ କନଷ୍ଟ୍ରକଶନର ଟ୍ରକ ଜବତ କଲା ଖଣି ବିଭାଗ

ଔପଦା, ୧୨।୩(ଧରିତ୍ରୀ ପଣ୍ଡା)

ଔପଦା ବ୍ଲକ ବଡ଼ପୋଖରୀ କେନାଲ ଛକ ନିକଟରେ ମୋରମ ବୋଝେଇ ଟ୍ରକ ଜବତ ହୋଇଛି। ତ୍ରିବେଣୀ କନଷ୍ଟ୍ରକଶନର ଏହି ଟ୍ରକକୁ ନୀଳଗିରି ଖଣି ଅଧିକାରୀ ଚଢ଼ାଉ କରି ଜବତ କରିବା ସହ ସ୍ଥାନୀୟ ପୋଲିସ ଜିମା ଦେଇଛନ୍ତି।

ବଡ଼ପୋଖରୀ କେନାଲ ଛକ ଦେଇ ମୋରମ ପରିବହନ ହେଉଥିବା ବେଳେ ଖଣି ବିଭାଗ ପକ୍ଷରୁ ହଠାତ୍ ଯାଞ୍ଚ କରାଯାଇଥିଲା। ଆବଶ୍ୟକ କାଗଜପତ୍ର କିମ୍ବା ବେଆଇନ ଖନନ ଅଭିଯୋଗରେ ଅଧିକାରୀମାନେ ଟ୍ରକକୁ ଅଟକାଇଥିଲେ। ପରେ ଏହାକୁ ଜବତ କରାଯାଇ ତଦନ୍ତ ପାଇଁ ପୋଲିସ ହେପାଜତରେ ରଖାଯାଇଛି। ଅପରପକ୍ଷରେ ଏହି ଘଟଣାକୁ ନେଇ କେନାଲ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀ କହିଛନ୍ତି, ସମ୍ପୃକ୍ତ ଟ୍ରକରେ ଯାଉଥିବା ମୋରମ ପରିବହନ ପାଇଁ ସମସ୍ତ କାଗଜପତ୍ର ଠିକ୍ ରହିଛି। କୌଣସି ନିୟମ ଉଲ୍ଲଂଘନ କରାଯାଇନାହିଁ। ଏହି ବିରୋଧାଭାସ ପରେ ଏବେ ଖଣି ବିଭାଗ ଓ ପୋଲିସ ପକ୍ଷରୁ କାଗଜପତ୍ରର ପୁନଃ ଯାଞ୍ଚ ଜାରି ରହିଛି। ସମ୍ପୂର୍ଣ୍ଣ ତଦନ୍ତ ପରେ ତାହା ସ୍ପଷ୍ଟ ହେବ।

# ତେଲେଙ୍ଗା କଟୁରି ଦେଖାଇ ଦିବ୍ୟାଙ୍ଗ ପରିବାରକୁ ଧମକ

ନୀଳଗିରି, ୧୨।୩(ପ୍ରଶାନ୍ତ କୁମାର ବିଶ୍ୱାଳ)

ନୀଳଗିରି ଥାନା କୁଳିଗଡି ଗ୍ରାମରେ ଗୁରୁବାର ଅପରାହ୍ନରେ ଜଣେ ଯୁବକ ହାତରେ ତେଲେଙ୍ଗା କଟୁରୀ ଧରି ଫିଲ୍ମ ଷ୍ଟାଇଲରେ ଏକ ଦିବ୍ୟାଙ୍ଗ ପରିବାରକୁ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗ ହୋଇଥିଲା। ପୋଲିସ ପହଞ୍ଚି ତେଲେଙ୍ଗା କଟୁରୀକୁ ଜବତ କରିଛି।

କୁଳିଗଡି ଗ୍ରାମର ଶ୍ରୀଧର ରାଉତ ଘରପିଣ୍ଡାରେ ବସିଥିବାବେଳେ ଗୁଜରାଟରେ ମୂର୍ତ୍ତି କାରିଗର ଭାବେ କାମ କରୁଥିବା ତାଙ୍କର ପଡ଼ୋଶୀ ରଘୁନାଥ ସ ତେଲେଙ୍ଗା କଟୁରୀ ଧରି ଗାଳିଗୁଲଜ କରିବାସହ ଏକ କାଗଜରେ ଦସ୍ତଖତ କରିବାକୁ କହିଥିଲେ। କାଗଜରେ ଦସ୍ତଖତ ନ କଲେ ଜୀବନରୁ ଶେଷ କରିଦେବାକୁ କହି ଶ୍ରୀଧରଙ୍କ ବେକରେ କଟୁରୀ ଲଗାଇ ଦେଇଥିଲେ। ଭୟରେ ଶ୍ରୀଧର ରାଉତ ଗେଟରେ ତାଲା ପକାଇ ଦେଇଥିଲେ। ତେବେ ଜଣେ ସ୍ଥାନୀୟ ଯୁବକ କଟୁରୀଟି ଛଡ଼ାଇ ନେଇଥିଲେ। ପରେ ଉତ୍ୟକ୍ତ ଯୁବକ ଜଣକ ଏସିଡ୍ ବୋତଲ ଓ ଠେଙ୍ଗା ଆଣି ଜୀବନରୁ ମାରିବାକୁ ଧମକ ଦେଇଥିଲେ। ପୋଲିସ ପହଞ୍ଚି ଯୁବକଙ୍କଠାରୁ ତେଲେଙ୍ଗା କଟୁରୀ ଓ ଠେଙ୍ଗା ଜବତ କରି ଥାନାକୁ ଆଣିଛି। ଏନେଇ ଶ୍ରୀଧରଙ୍କ ଦିବ୍ୟାଙ୍ଗ ପୁଅ ପ୍ରଶାନ୍ତ ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଏକ ରାସ୍ତାକୁ ନେଇ ଏଭଳି ଘଟଣା ଘଟିଥିବା ସୂଚନା ମିଳିଛି।

# ଯୁବକଙ୍କୁ ଆକ୍ରମଣ କରି ସୁନାଚେନ, ମୋବାଇଲ ଲୁଟ୍

ସୋର, ୧୨।୩(ଜନ୍ମେଜୟ ମିଶ୍ର)

ସୋର ଥାନା ୧୬ ନଂ. ଜାତୀୟ ରାଜପଥ ଚଡକମରା ଛକ ନିକଟରେ ଜଣେ ଯୁବକଙ୍କୁ ଦୁର୍ବୃତ୍ତମାନେ ମାଡ଼ ମାରି ତାଙ୍କ ମୋବାଇଲ ଓ ସୁନାଚେନ ଲୁଟି ନେଇଥିବା ଅଭିଯୋଗ ହୋଇଛି। ସିମୁଳିଆ ଥାନା ଆଙ୍କୁଲା ଗ୍ରାମର ମନୋଜ କୁମାର ଦତ୍ତ କୌଣସି କାମରେ ବୁଧବାର ରାତିରେ ବାଇକ ଯୋଗେ ସୋର ଅଭିମୁଖେ ଆସୁଥିଲେ। ଚକଡମରା ଛକ ନିକଟରେ ୨ଜଣ ଯୁବକ ଏକ ବାଇକରେ ଆସି ତାଙ୍କୁ ଏକ ଲୁହାରଡରେ ଆକ୍ରମଣ କରି ତାଙ୍କ ମୋବାଇଲ ଫୋନ ଛଡାଇବା ସହ ସେ ପିନ୍ଧିଥିବା ସୁନାଚେନକୁ ନେଇ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ମନୋଜଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେ ସକାଳେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

# ରାମନବମୀ ପାଇଁ ପ୍ରସ୍ତୁତି ବୈଠକ

ଗାନ୍ଧିଛକ, ୧୨।୩(ଦିଲୀପ ପଣ୍ଡା)

ବସ୍ତା ବଜାରସ୍ଥିତ ଈଶ୍ୱରବର୍ତ୍ତୀ ମନ୍ଦିର ପ୍ରାଙ୍ଗଣରେ ରାମନବମୀ ପାଳନ ପାଇଁ ଗୁରୁବାର ପ୍ରସ୍ତୁତି ବୈଠକ ହୋଇଯାଇଛି। ବୈଠକରେ ପୂର୍ବବର୍ଷର ବିବରଣୀ ଆଲୋଚନା ହୋଇଥିଲା। ପରେ ରାମ ମନ୍ଦିରରେ ଧ୍ୱଜା ପୂଜନ କରାଯାଇ ପ୍ରସାଦ ଗ୍ରହଣ କରିଥିଲେ। ଭାଜପାର ବରିଷ୍ଠ ନେତା ଶ୍ୟାମାପ୍ରସାଦ ବେହେରା, ରଞ୍ଜନ ମହାନ୍ତି, ସୂର୍ଯ୍ୟନାରାୟଣ ସାହୁ, ଦିଲୀପ ପଣ୍ଡା, ରାଜେନ୍ ପରିଡା, ନିହାର ରଞ୍ଜନ ବେହେରା, ଦିବାକର ରାଉତ, ଜୟପ୍ରକାଶ ଭୂତରା, ଧୀରେନ୍ ସେଠୀ, ପ୍ରକାଶ କୁଣ୍ଡୁ, ଭବାନୀ ସେନାପତି ପ୍ରମୁଖ ଜୟ ଶ୍ରୀରାମ ନାରା ଦେଇ ବଜାର ପରିକ୍ରମା କରିଥିଲେ।

# ଔପଦା ଆଞ୍ଚଳିକ ମହୋତ୍ସବ ପକ୍ଷରୁ ରକ୍ତଦାନ ଶିବିର

ଔପଦା, ୧୨।୩(ଧରିତ୍ରୀ ପଣ୍ଡା)


ରକ୍ତଦାନ ଶିବିର।

ଔପଦା ଆଞ୍ଚଳିକ ମହୋତ୍ସବ ଟ୍ରଷ୍ଟ ପକ୍ଷରୁ ସ୍ଥାନୀୟ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଏକ ସ୍ୱେଚ୍ଛାକୃତ ମହୋତ୍ସବ କମିଟି ସଭାପତି ଅଶୋକ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଔପଦା ଥାନା ଅଧିକାରୀ ପ୍ରମୋଦ କୁମାର ଦାସ ମୁଖ୍ୟ ଉଦ୍‌ଘାଟକ ଭାବେ ଯୋଗଦେଇ ଶିବିରକୁ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ବିସିବିମ୍ବା ପାତ୍ର ଏବଂ ବିଶିଷ୍ଟ ଅତିଥି ଭାବେ ଜିଲା ପରିଷଦ ସଦସ୍ୟା ମୁନି ସିଂ ଯୋଗଦେଇ ଉତ୍ସାହିତ କରିଥିଲେ। ମହୋତ୍ସବ କମିଟି ସମ୍ପାଦକ ନରହରି ନାୟକ, ଉପଦେଷ୍ଟା ଭଗବାନ ଚରଣ ନାୟକ, କିଶୋରୀ ଚନ୍ଦ୍ର ପଣ୍ଡା ଓ ଅଭିମନ୍ୟୁ ପଣ୍ଡାଙ୍କ ମାର୍ଗଦର୍ଶନରେ ପରିଚାଳିତ ହୋଇଥିଲା। ପ୍ରୋଗ୍ରାମ କୋର୍ଡିନେଟର ଜୟଶ୍ରୀ ବେହେରାଙ୍କ ସମେତ ଗୀତାଞ୍ଜଳି ବେହେରା, ଅଙ୍କିତ ପଣ୍ଡା, ନିରଞ୍ଜନ ପ୍ରସାଦ ବାରିକ, ଧରିତ୍ରୀ ପଣ୍ଡା, ଗୀତାଞ୍ଜଳି ବେହେରା, ଅଭିମନ୍ୟୁ ବେହେରା, ସୁଧାଂଶୁ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

# ସମସ୍ୟାଘେରରେ ମା' ଭୂଧାରଚଣ୍ଡୀ ପୀଠ

ନୀଳଗିରି, ୧୨।୩(ପ୍ରଶାନ୍ତ କୁମାର ବିଶ୍ୱାଳ)


ଭୂଧାରଚଣ୍ଡୀ ମନ୍ଦିର।

ଉତ୍ତରଓଡ଼ିଶାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ମଧ୍ୟରେ ସଜନାଗଡ଼ର ମା' ଭୂଧାରଚଣ୍ଡୀ ପୀଠର ସ୍ୱତନ୍ତ୍ରତା ରହିଛି। ମା'ଙ୍କ ସ୍ଥାପନା ନେଇ କୌଣସି ନିର୍ଦ୍ଦିଷ୍ଟ ତଥ୍ୟ ନ ଥିଲେ ମଧ୍ୟ ଲୋକକଥା ଅନୁଯାୟୀ ୧୪୫୨ ଖ୍ରୀଷ୍ଟାବ୍ଦରେ ରାଜା ବିରାଟ ଭୂଜଙ୍ଗ ମାନ୍ଧାତା ମା'ଙ୍କ ସ୍ଥାପନ କରିଥିଲେ। ପରବର୍ତ୍ତୀ ସମୟରେ ରାଜା ଶ୍ୟାମଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ ସ୍ୱପ୍ନାଦେଶ ପାଇ ମା'ଙ୍କ ମନ୍ଦିର ନିର୍ମାଣ କରିଥିବା ଜଣାଯାଏ। ତେବେ ପ୍ରାଚୀନ କୀର୍ତ୍ତିରାଜିରେ ପରିପୂର୍ଣ୍ଣ ମନ୍ଦିରର ନିଖୁଣ କାରୁକାର୍ଯ୍ୟ ଏବେ ବିପଦରେ। ରକ୍ଷଣାବେକ୍ଷଣ ଅଭାବରୁ ଶ୍ରୀହୀନ ହେବାକୁ ଯାଉଛି ମନ୍ଦିର ଏବଂ ମନ୍ଦିର ବେଢ଼ା। ରାଜ୍ୟ ଦେବୋତ୍ତର ବିଭାଗ ଅଧୀନରେ ଥିବା ଏହି ମନ୍ଦିରର ସୁରକ୍ଷା ପାଇଁ ପ୍ରଶାସନର ଆନ୍ତରିକତା ନ ଥିବା ବାରିହୁଏ। ଦୀର୍ଘ ୫/୬ବର୍ଷ ତଳେ ମନ୍ଦିରର ମୁଖ୍ୟ ପୂଜକ ବିଜୟ କୁମାର ପଣ୍ଡାଙ୍କ ଉଦ୍ୟମରେ କିଛି ଶ୍ରଦ୍ଧାଳୁ, ଭକ୍ତ ଏବଂ ବଦାନ୍ୟ ବ୍ୟକ୍ତିଙ୍କ ସହାୟତାରେ ମନ୍ଦିରର ରଙ୍ଗ ଦିଆଯାଇଥିବା ବେଳେ ଏବେ ମୁଖ୍ୟମନ୍ଦିର, ନାଟ୍ୟମଣ୍ଡପ ଏବଂ ମନ୍ଦିର ବେଢ଼ାରେ ଶିଉଳି ଲାଗି କଳା ପଡ଼ିଯିବା ଏବଂ ବର୍ଷାଦିନେ ଅଧିକାଂଶ ସ୍ଥାନରୁ ପ୍ଲାଷ୍ଟର ଛାଡି ପାଣି ଗଳିବା ଦେଖିବାକୁ ମିଳିଛି। ନୀଳଗିରି ଠାକୁରମାହାଲକୁ ପୂଜକ ବିଜୟ ପଣ୍ଡା ଏନେଇ ଅବଗତ କରିଥିଲେ ମଧ୍ୟ କୌଣସି ପ୍ରତିକାର କରାଯାଇନାହିଁ। ତେବେ ରାଜ୍ୟ ପର୍ଯ୍ୟଟନବିଭାଗ ଦ୍ୱାରା ୨୦ଲକ୍ଷ ଟଙ୍କାର ଅନୁଦାନ ଆସିଥିଲେ ହେଁ ଦୁଇଟି ପର୍ଯ୍ୟାୟରେ ଟେଣ୍ଡର ହୋଇଥିଲା। ମାତ୍ର ପ୍ରଥମଥର ଜଣେ ମାତ୍ର ଆବେଦନ କରିଥିବା ବେଳେ ଦ୍ୱିତୀୟଥର ଟେଣ୍ଡରରେ କେହି ଟେଣ୍ଡରଧାରୀ ଆବେଦନ କରିନଥିବାରୁ ଏହାର ଉନ୍ନତୀକରଣ ହୋଇପାରି ନ ଥିବା ନୀଳଗିରି ବିଡିଓ ବିକ୍ରମକେଶରୀ ପରିଡା ସୂଚନା ଦେଇଛନ୍ତି। ଖୁବଶୀଘ୍ର ମନ୍ଦିରର ମରାମତି ଓ ରଙ୍ଗକାର୍ଯ୍ୟ ନ ହୁଏ ତେବେ ମନ୍ଦିର ଶ୍ରୀହୀନ ହେବା ସହିତ ପାଣିଗଳି ମନ୍ଦିର ପ୍ରତି ବିପଦ ଥିବା ଆଶଙ୍କା ରହିଛି। ଏ ଦିଗରେ ପ୍ରଶାସନ ଯତ୍ନବାନ ନ ହେଲେ ପୁରାତନ କୀର୍ତ୍ତିରାଜିର ଏହି ମନ୍ଦିର ନିଜର ଅସ୍ତିତ୍ୱ ହରାଇବ ବୋଲି ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶପାଇଛି।

## ସଂକ୍ଷେପରେ

### ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ବୈଶିଙ୍ଗା, ୧୨।୩(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ୧୮ନଂ. ଜାତୀୟ ରାଜପଥର ଯୁଗଳ ଛକ ନିକଟରେ ବୁଧବାର ଭୋର ୪ଟା ସମୟରେ ସଡ଼କ ଦୁର୍ଘଟଣାରେ ଆହତ ଦୀନକୃଷ୍ଣ ମହାନ୍ତ (୪୬)ଙ୍କ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ମୃତ୍ୟୁ ଘଟିଛି। ଗରଗଡ଼ିଆ ଗାଁର ଦୀନକୃଷ୍ଣ ରାସ୍ତା ପାର୍ଶ୍ୱରେ ଚାଲିଚାଲି ଯାଉଥିବା ସମୟରେ କୌଣସି ଏକ ଦ୍ରୁତଗାମୀ ଗାଡ଼ି ତାଙ୍କୁ ଧକ୍କା ଦେଇ ପଳାଇ ଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବାରିପଦା ଡାକ୍ତରଖାନା ପଠାଇଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ମାତ୍ର ସେଠାରେ ଚିକିତ୍ସା ଚାଲିଥିବା ବେଳେ ତାଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ଶ୍ରମିକ ଭାବେ କାମ କରୁଥିବା ଦୀନକୃଷ୍ଣଙ୍କର ସ୍ତ୍ରୀ ଓ ଏକମାତ୍ର ପୁତ୍ର ଅଛନ୍ତି। ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାପାଇଁ ଗ୍ରାମବାସୀ ଦାବି କରିଛନ୍ତି।

### ମହିଳାଙ୍କ ମୃତଦେହ ଜବତ

ମୋରଡ଼ା, ୧୨।୩ (ସ୍ୱାରକ ମାଜୀ)

ମୟୂରଭଞ୍ଜ ଜିଲା ଶୁଳିଆପଦା ପୋଲିସ ଗୁରୁବାର ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ମୃତ ମହିଳା ଜଣଙ୍କ ହେଲେ ଉକ୍ତ ଥାନା ଅଧୀନ ଚୁହାଟ ପଞ୍ଚାୟତ ଜାମଶୋଳା ଗ୍ରାମର ପୋଷ୍ଟ ମାଷ୍ଟର ତୁଳସୀ ହାଁସଦା। ସୂଚନା ଅନୁଯାୟୀ, ସ୍ଥାନୀୟ ଲୋକେ ସକାଳେ ମହୁଲ ଗୋଟାଇବାକୁ ଯାଇଥିବା ସମୟରେ ତୁଳସୀଙ୍କ ଝୁଲନ୍ତା ମୃତଦେହ ଏକ ମହୁଲ ଗଛରେ ଝୁଲୁଥିବା ଦେଖିଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲକୁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ।

### ପୁରସ୍କାର ବିତରଣ, ସାଂସ୍କୃତିକ ଉତ୍ସବ

ଗୋପବନ୍ଧୁ ନଗର, ୧୨।୩ (ଶାନ୍ତନୁ କୁମାର ମହୁଆଳ)

ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ଆଞ୍ଚଳିକ ଡିଗ୍ରୀ କଲେଜର ବାର୍ଷିକ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମର ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଅନନ୍ତ ପ୍ରସାଦ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବିଡିଓ ପୃଥିରାଜ ପରିଡ଼ା, ସମ୍ମାନିତ ଅତିଥି ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପ୍ରଧାପକ ଅନାଦୀ ଚରଣ ଗାଁଣ, ଫକିରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଓଡ଼ିଆ ବିଭାଗର ପୂର୍ବତନ ଅଧ୍ୟାପକ ଡ. ଶିରିଶ ଚନ୍ଦ୍ର ଜେନା ଯୋଗଦେଇ ଲକ୍ଷ୍ୟ ଓ ପରିଶ୍ରମ ସଫଳତାର ମୂଳମନ୍ତ୍ର ବୋଲି ମତବ୍ୟକ୍ତ କରିଥିଲେ। ଅଧ୍ୟାପକ ଉମାକାନ୍ତ ବେହେରା ଅତିଥି ପରିଚୟ ଓ ଅଧ୍ୟାପିକା ଜ୍ୟୋତିରୂପା ମହାପାତ୍ର ଧନ୍ୟବାଦ ଦେଇଥିଲେ। ଅଧ୍ୟାପିକା ମାମୁନି ବେରା, ସୁକାନ୍ତି ବିଶ୍ୱାଳ ଓ ସସ୍ମିତା ଚୌଧୁରୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡ଼ାର ଦୁଇ ଚାମ୍ପିୟନ ଶିବ ହେମ୍ବ୍ରମ ଓ ଶ୍ରାବଣୀ ନାଏକଙ୍କ ସମେତ ମୋଟ ୯୦ ଜଣ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା। ଅଧ୍ୟାପକ ମନୋଜ କୁମାର ସାହୁ, ଗୋପାଳ କୃଷ୍ଣ ନାୟକ, ଶୁଭ୍ରାଂଶୁ ନାୟକ, ପବିତ୍ର ଶଙ୍ଖୁଆ, ଲକ୍ଷ୍ମୀକାନ୍ତ ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ବନାଗ୍ନି ନିୟନ୍ତ୍ରଣରେ ପ୍ରଯୁକ୍ତିବିଦ୍ୟା ଉପଯୋଗ

**ଏଆଇ, ଡ୍ରୋନ୍ କ୍ୟାମେରା ଦ୍ୱାରା ମିଳୁଛି ସଫଳତା**

## ନିଆଁ ଲିଭା ପାଇଁ ୯ କୋଟି ଅନୁଦାନ

ବାରିପଦା, ୧୨।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଶିମିଳିପାଳ ଜାତୀୟ ଉଦ୍ୟାନରେ ବନାଗ୍ନି ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ନିମନ୍ତେ ଡ୍ରୋନ୍ କ୍ୟାମେରା ଜରିଆରେ ତଥ୍ୟ ସଂଗ୍ରହ କରାଯାଉଛି। ଡ୍ରୋନ ମାଧ୍ୟମରେ ବନ୍ୟଜନ୍ତୁଙ୍କ ଗତିବିଧି ଓ ଜଙ୍ଗଲ ନିଆଁ ସମ୍ପର୍କରେ ତ୍ୱରିତ ତଥ୍ୟ ଜାଣିବା ସହିତ ଜଙ୍ଗଲ ସୁରକ୍ଷା ଦିଗରେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି । ଜଙ୍ଗଲ ନିଆଁ ରୋକିବା ପାଇଁ ବିଭାଗୀୟ ପରିଚାଳନାରେ ପ୍ରଯୁକ୍ତିବିଦ୍ୟାର ବ୍ୟବହାର, ସୁଚିନ୍ତିତ ଯୋଜନା ଓ କର୍ମଚାରୀମାନଙ୍କ ପ୍ରତିବଦ୍ଧତା ଜାରି ରହିଛି । ଶିମିଳିପାଳକୁ ନିଆଁ ଦାଉରୁ ରକ୍ଷା କରିବା ତଥା ଯଥାସମ୍ଭବ ସର୍ବନିମ୍ନ ରଖିବା ପାଇଁ ସର୍ବୋତ୍ତମ ପ୍ରୟାସ ଜାରି ରହିଥିବା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ତଥା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ.ପ୍ରକାଶ ଚାନ୍ଦ ଗୋଗିନେନୀ କହିଛନ୍ତି।

ଶିମିଳିପାଳକୁ ନିଆଁ ଦାଉରୁ ସୁରକ୍ଷା ଯୋଗାଇବା ପାଇଁ ବିଭାଗ ପକ୍ଷରୁ ୧୨ ଘଣ୍ଟିଆ ସାଟେଲାଇଟ୍ ସୂଚନା ବ୍ୟବସ୍ଥା କରାଯାଇଛି। ଏହାରି ମାଧ୍ୟମରେ ସୂଚନା ପାଇ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ନିଆଁ ମାଡ଼ି ଚାଲିଥାଏ। ଫଳରେ ଜଙ୍ଗଲ ନିଆଁ ରୋକିବାରେ ଅହେତୁକ ବିଳମ୍ବ ହୋଇଥାଏ। ଏହାକୁ ତୁରନ୍ତ ରୋକିବା ପାଇଁ ବିଭାଗ ପକ୍ଷରୁ ବିଭିନ୍ନ ପ୍ରକାର ଯୋଜନା ପ୍ରସ୍ତୁତ କରାଯାଇଛି। ଅପହଞ୍ଚ ଅଞ୍ଚଳରେ ନିଆଁ ଲାଗିବା ଖବର ପାଇବା ପାଇଁ ବିଭାଗ ପକ୍ଷରୁ ଡ୍ରୋନ୍ କ୍ୟାମେରାର ସାହାଯ୍ୟ ନିଆଯାଉଛି। ଡ୍ରୋନ୍ ଉଡ଼ାଇ ନିଆଁ ଓ ବନ୍ୟଜନ୍ତୁଙ୍କ ସ୍ଥିତି ସହଜରେ ଅନୁମାନ କରିହେଉଛି। ଏଥି ନିମନ୍ତେ ୨୦ଟି ଡ୍ରୋନ୍ କ୍ୟାମେରା ବିଭିନ୍ନ ଡିଭିଜନକୁ ପ୍ରଦାନ କରାଯାଇଛି। ତେବେ ବନାଗ୍ନି ରୋକିବାକୁ କୋର୍ ଅଞ୍ଚଳରେ ୫ଟି ଉଚ୍ଚ କ୍ଷମତା ସମ୍ପନ୍ନ ସୁଉଚ୍ଚ ଟାୱାର ସ୍ଥାପନ କରାଯାଇ ୩୬୦ ଡିଗ୍ରୀ ବିଶିଷ୍ଟ କୃତ୍ରିମ ବୁଦ୍ଧିମତ୍ତା(ଏଆଇ) କ୍ୟାମେରା ଖଞ୍ଜା ଯାଇଛି। ଏହି କ୍ୟାମେରା ମାଧ୍ୟମରେ ୧୫କିମି ବ୍ୟାସାର୍ଦ୍ଧରେ ନିଆଁ କିମ୍ବା ଧୂଆଁ ଉଠିଲେ ତୁରନ୍ତ କଣ୍ଟ୍ରୋଲ ରୁମ୍‌କୁ ସୂଚନା ମିଳି ପାରୁଛି।


ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ ବନ କର୍ମଚାରୀ।

ବାରିପଦା ସର୍କଲ ଅଧୀନରେ ଥିବା ୭ଟି ଡିଭିଜନକୁ ବାନଗ୍ନିର ସ୍ଥିତି ଅନୁଧ୍ୟାନ ଓ ନିୟନ୍ତ୍ରଣ ପାଇଁ ୬୫ଟି ପାଟ୍ରୋଲିଂ ଭ୍ୟାନ୍ ପ୍ରଦାନ କରାଯାଇଛି। ଏଥି ନିମନ୍ତେ କାମ୍ପା ଓ ବନ୍ୟଜନ୍ତୁ ସୁରକ୍ଷା ଯୋଜନାରେ ମୋଟ ୧କୋଟି ୪୬ଲକ୍ଷ ୨୫ହଜାର ଟଙ୍କା ଅନୁଦାନ ପ୍ରଦାନ କରାଯାଇଛି। ସେହିପରି ବନାଗ୍ନି ରୋକିବା ପାଇଁ ୭୦ଟି ସ୍କ୍ୱାଡ୍ ଗଠନ କରାଯାଇ ୫୬୫ କର୍ମଚାରୀଙ୍କୁ ନିଯୁକ୍ତ କରାଯାଇଛି । ଏଥିପାଇଁ ୩ କୋଟି ୮୫ଲକ୍ଷ ୩୨ହଜାର ଟଙ୍କା ଅନୁଦାନ ମିଳିଛି। ୮୧ଟି ଅଗ୍ନି ନିର୍ବାପକ ଦଳ ପାଇଁ ୮୨ଲକ୍ଷ ୬୨ହଜାର ଟଙ୍କା ପ୍ରଦାନ କରାଯାଇଛି। ଅଗମ୍ୟ ଅଞ୍ଚଳକୁ ଯାଇ ନିଆଁକୁ ଆୟତ୍ତ କରିବା ପାଇଁ ଅତ୍ୟାଧୁନିକ ୨୮ଟି ପାହାଡ଼ ଚଢ଼ା ଚାରିଚକିଆ ଗାଡ଼ି ନିୟୋଜିତ କରାଯାଇଛି । ସେଥି ମଧ୍ୟରେ ୨୦ଟି ଥାର୍ ଗାଡ଼ି ଓ ୮ଟି ଟାଟା ଫାୟାର ଯୋଦ୍ଧା ଗାଡ଼ି ରହିଛି । ଏହି ଗାଡ଼ିରେ ପାଣି ଟାଙ୍କି ରହିବା ସହ ୨୦୦ ମିଟର ପର୍ଯ୍ୟନ୍ତ ସିଞ୍ଚନ କରିବାର କ୍ଷମତା ରହିଛି । ସେହିପରି ୯୧୩ଟି ବ୍ଲୋୟାର ମେଶିନ ମାଧ୍ୟମରେ ୮ହଜାର ୩୫୯ କିମି ଫାୟାର ଲାଇନ ପ୍ରସ୍ତୁତ କରାଯାଉଛି। ଏଥି ନିମନ୍ତେ ୨କୋଟି ୭୮ଲକ୍ଷ ୮୧ହଜାର ୧୨୦ଟଙ୍କା ଅନୁଦାନ ଆସିଛି। ବନାଗ୍ନି ରୋକିବା ଓ ସଚେତନତା କାର୍ଯ୍ୟକ୍ରମ ପାଇଁ ମୋଟ ୯ କୋଟି ୨୯ଲକ୍ଷ, ୪୫ହଜାର ୧୨୦ଟଙ୍କା ଅନୁଦାନ ଆସିଥିବା ବିଭାଗ ସୂଚନା ଦେଇଛି। ଜଙ୍ଗଲକୁ ସମ୍ପୂର୍ଣ୍ଣ ଭାବେ ନିଆଁ କବଳରୁ ରକ୍ଷା କରିବା ପାଇଁ ବନ ବିଭାଗର କର୍ମଚାରୀ, ଦମକଳ ବାହିନୀ, ବନ ସୁରକ୍ଷା ସମିତି, ସ୍ୱୟଂ ସହାୟିକା ଗୋଷ୍ଠୀ, ଅଞ୍ଚଳବାସୀ ଓ ଜନପ୍ରତିନିଧିମାନେ ଅଣ୍ଟା ଭିଡ଼ିଛନ୍ତି। ବିଭାଗୀୟ କର୍ମଚାରୀ ଗାଁଗାଁ ବୁଲି ଜନସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ବନାଗ୍ନି ଦ୍ୱାରା ହେଉଥିବା କ୍ଷୟକ୍ଷତି ଓ ପରିବେଶ ପ୍ରତି ହେଉଥିବା ପ୍ରଦୂଷଣ ସମ୍ପର୍କରେ ସଚେତନ କରୁଛନ୍ତି।

# ନିଶାସକ୍ତ ବାଇକ୍ ଚାଳକଙ୍କୁ ସାବାଡ଼ କଲା ପୋଲିସ

କରଞ୍ଜିଆ, ୧୨।୩(କବିତା ମହାନ୍ତ)

କରଞ୍ଜିଆରେ ଐତିହାସିକ ଦୋଳ ଯାତ୍ରା ଚାଲିଛି। ରାସ୍ତା ଭିଡ଼ ରହୁଥିବା ବେଳେ ନିଶାସକ୍ତ ବାଇକ୍ ଚାଳକଙ୍କ ପ୍ରାଦୁର୍ଭାବ ଦେଖିବାକୁ ମିଳିଛି। ଫଳରେ ସାଧାରଣ ଲୋକଙ୍କ ଜୀବନ ପ୍ରତି ବିପଦ ଆଶଙ୍କା ରହିଛି। ତେବେ ନୂତନଭାବେ ଯୋଗ ଦେଇଥିବା ଥାନା ଅଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନ ନିଶାସକ୍ତ ଚାଳକଙ୍କୁ ସାବାଡ୍ କରିବା ପାଇଁ ବୁଧବାର ସନ୍ଧ୍ୟାରେ ବିଭିନ୍ନ ଅଞ୍ଚଳରେ ଯାଞ୍ଚ କରାଇଥିଲେ। ଥାନା ଅଧିକାରୀ ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଆଇ ଭାରତୀ ବାରିକ ଏବଂ ଏଏସ୍‌ଆଇ ସଲଖାନ ହେମ୍ବ୍ରମ କରଞ୍ଜିଆ ସହରର ମହାବୀର ଛକ ଓ ସାହାରପଡ଼ା ବାଇପାସ୍ ଛକରେ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ୧୦ଜଣ ନିଶାସକ୍ତ ଅବସ୍ଥାରେ ବାଇକ୍ ଚଳାଉଥିବା ଜଣାପଡ଼ିଥିଲା। ପୋଲିସ ଉକ୍ତ ୧୦ଜଣଙ୍କ ବାଇକ୍ ଜବତ କରିବା ସହ ସେମାନଙ୍କ ବିରୋଧରେ ମାମଲା ରୁଜୁ କରିଛି।

# 'ମତି ଗତି ବିଭୂତି' ଲୋକାର୍ପିତ



ଅତିଥିମାନେ କବିତା ସଙ୍କଳନ ଉନ୍ମୋଚନ କରୁଛନ୍ତି।

ମୋରଡ଼ା, ୧୨।୩ (ସ୍ୱାରକ ମାଜୀ)

ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ା ପଞ୍ଚାୟତ ସଭା ଗୃହରେ ବୁଧବାର ପୂର୍ବାହ୍ନ ୧୧ଟାରେ ତ୍ରୟୋଦଶ ଶାସ୍ତ୍ରୀୟ ଭାଷା ଦିବସର ଶୁଭ ଅବସରରେ ଚିତ୍ରେଶ୍ୱରୀ ସାହିତ୍ୟ ସଂସଦ ଦ୍ୱାରା କବି ଅଜୟ କୁମାର ପାଲଙ୍କ ତୃତୀୟ କବିତା ସଂକଳନ 'ମତି ଗତି ବିଭୂତି' ଲୋକାର୍ପିତ ହୋଇଛି। ମୁଖ୍ୟ ଅତିଥିଭାବେ ମୟୂରଭଞ୍ଜ ସାହିତ୍ୟ ସଂସଦର ଉପସଭାପତି ଜଗନ୍ନାଥ ଜେନା, ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନର ପୁରୀ ଜିଲା ସଭାପତି ସୁଶ୍ରୀ କାବେରୀ ମିଶ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତା ଭାବେ ସନ୍ଦୀପ କୁମାର ସାମଲ, ସମ୍ମାନିତ ଅତିଥି ନଳିନୀ କୁମାର ଚୌଧୁରୀ, ମୟୂରଭଞ୍ଜ ପୁସ୍ତକ ମେଳାର ସମ୍ପାଦକ ମନୋଜ ଦଳବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶା ଇତିହାସରେ ପୂର୍ବରୁ ସୁନାମଧନ୍ୟ କବିତାଗୁଡ଼ିକଠାରୁ କବି ଅଜୟ କୁମାର ପାଲଙ୍କ କବିତା କୌଣସି ଗୁଣରେ କମ୍ ନୁହେଁ ବୋଲି ଚିତ୍ରଡ଼ା ମହାବିଦ୍ୟାଳୟର ଅଧ୍ୟାପିକା ଅର୍ଚ୍ଚନା ପ୍ରଧାନ କହିଥିଲେ। ମିଥୁନ ମହାନ୍ତ, ପ୍ରିୟମ୍ୱଦା ବେହେରା, ସସ୍ମିତା ଦତ୍ତ, ଅରୁଣ କୁମାର ଦେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ରାଜନୀତି ବିଜ୍ଞାନ ବିଭାଗ ଆଲୋଚନାଚକ୍ର



ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ରମାନେ।

ବାରିପଦା, ୧୨।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଭଞ୍ଜପୁରସ୍ଥିତ ବାରିପଦା ଡିଗ୍ରୀ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ବାର୍ଷିକ ବିଭାଗୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ପ୍ରବୋଧ କୁମାର ଦେ ଏଥିରେ ପୌରହିତ୍ୟ କରିଥିଲେ। ଭାରତୀୟ ଗଣତନ୍ତ୍ରରେ ମୌଳିକ ଅଧିକାରର ଗୁରୁତ୍ୱ ଶୀର୍ଷକ ଆଲୋଚନାଚକ୍ରରେ ବିଭାଗୀୟ ମୁଖ୍ୟ ଆଲୋଚନାଚକ୍ରର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ମନ୍ତବ୍ୟ ରଖିଥିଲେ। ବିଭାଗୀୟ ଅଧ୍ୟାପିକା ତଥା ପରିଚାଳନା ସମ୍ପାଦିକା ଜସ୍ମିନ ବାରିକ ବିଷୟଗତ ତଥ୍ୟ ଉପରେ ଆଲୋକପାତ କରିଥିଲେ। ଆଞ୍ଚଳିକ ମହାବିଦ୍ୟାଳୟ ଗଡ଼ିଆର ପୂର୍ବତନ ଅବସରପ୍ରାପ୍ତ ଅଧ୍ୟକ୍ଷ ସନ୍ଦୀପ କୁମାର ଚାନ୍ଦ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ବିଭାଗର ୯ଜଣ ଛାତ୍ରୀଛାତ୍ର ନିଜ ନିଜର ସନ୍ଦର୍ଭ ଉପସ୍ଥାପନ କରିଥିଲେ। ପରିଶେଷରେ ଅତିଥିଙ୍କ ଦ୍ୱାରା ଛାତ୍ରୀଛାତ୍ରଙ୍କୁ ସର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଅଧ୍ୟାପିକା ଜସ୍ମିନ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

### ହାଇଦ୍ରାବାଦରୁ ଅପହୃତା ନାବାଳିକା ଉଦ୍ଧାର

ମୋରଡ଼ା/ରାସଗୋବିନ୍ଦପୁର, ୧୨।୩ (ସ୍ୱାରକ ମାଜୀ/ ସତ୍ୟବାଦୀ ପରିଡ଼ା)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ପୋଲିସ ଜଣେ ଅପହୃତା ନାବାଳିକାଙ୍କୁ ଉଦ୍ଧାର କରିଛି। ସୂଚନା ଅନୁଯାୟୀ, ଉକ୍ତ ଥାନା ଅଞ୍ଚଳର ଜଣେ ୧୫ ବର୍ଷର ନାବାଳିକାଙ୍କୁ ଗତ ୬ ତାରିଖରେ ଅପହରଣ କରାଯାଇଥିବା ନେଇ ପରିବାର ଲୋକେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା (ନଂ.୯୪/୨୬) ରୁଜୁ କରି ତଦନ୍ତ ଜାରି ରଖିଥିଲା। ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀଙ୍କ ନିର୍ଦ୍ଦେଶକ୍ରମେ ଏଏସ୍‌ଆଇ ଗୌରୀ ଶଙ୍କର ଜେନାଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ଗୁରୁବାର ଉକ୍ତ ନାବାଳିକାଙ୍କୁ ହାଇଦ୍ରାବାଦର ଫତେନଗରରୁ ଉଦ୍ଧାର କରିବା ସହିତ ଅପହରଣ କରିଥିବା ଯୁବକ ବାଂଶୁଳି ଗ୍ରାମର ନବ ବେହେରାଙ୍କୁ ଅଟକ ରଖି ପଚରାଉଚୁରା କରୁଛି।

### ୧୫ରେ ମଞ୍ଚସ୍ଥ ହେବ 'ମହାସଂଗ୍ରାମର ମହାନାୟକ : ବକ୍ସି ଜଗବନ୍ଧୁ'

ବାରିପଦା, ୧୨।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ସ୍ୱାଧୀନତା ସଂଗ୍ରାମରେ ଅନ୍ୟତମ ଓଡ଼ିଆ ବୀର ବକ୍ସି ଜଗବନ୍ଧୁ ଥିଲେ ଅନ୍ୟତମ। ତାଙ୍କର ବୀରତ୍ୱର କାହାଣୀକୁ ନାଟକ ରୂପ ଦେଇଥିଲେ ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ। ପ୍ରତିଷ୍ଠିତ ନିର୍ଦ୍ଦେଶକ ଧୀର ମଲ୍ଲିକଙ୍କ ନିର୍ଦ୍ଦେଶନାରେ ଓଡ଼ିଶାର ଅଦ୍ୱିତୀୟ ନାଟ୍ୟସଂସ୍ଥା ଶତାବ୍ଦୀର କଳାକାର ସ୍ଥାନୀୟ ଶହୀଦ ସ୍ମୃତି ଭବନରେ ଚଳିତ ମାସ ୧୫ ତାରିଖରେ ନାଟକ 'ମହାସଂଗ୍ରାମର ମହାନାୟକ: ବକ୍ସି ଜଗବନ୍ଧୁ' ପରିବେଷଣ କରିବେ। ବାରିପଦାର 'ଆମେ' ନାଟ୍ୟସଂସ୍ଥା ସହଯୋଗରେ ଆୟୋଜିତ ହେବାକୁ ଥିବା ଏହି ନାଟକକୁ ନିଃଶୁଳ୍କରେ ଦେଖିବା ସହ କଳାକାରମାନଙ୍କୁ ଉତ୍ସାହିତ କରିବା ପାଇଁ ସଂସ୍ଥାର ପ୍ରତିଷ୍ଠାତା ଚିନ୍ମୟ ଦାସ ପଟ୍ଟନାୟକ ଅନୁରୋଧ କରିଛନ୍ତି।

# ନୃତତ୍ତ୍ୱ ବିଜ୍ଞାନ ଓ ଜନଜାତି ଅଧ୍ୟୟନ ବିଭାଗ କର୍ମଶାଳା

ବାରିପଦା, ୧୨।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ ସହାୟତାରେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ବିଜ୍ଞାନ ଓ ଜନଜାତି ଅଧ୍ୟୟନ ବିଭାଗ ତରଫରୁ ୮ ଦିନିଆ କର୍ମଶାଳା କୁଳିଅଣାଠାରେ ଆୟୋଜିତ ହୋଇଯାଇଛି। ଏହି କର୍ମଶାଳା ପରିଚାଳନାରେ ରେଭେନ୍ସା ବିଶ୍ୱବିଦ୍ୟାଳୟ, ଶର୍ମା ହେରିଟେଜ ଏଜୁକେସନ ସେଣ୍ଟର ଓ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ପୁରୀ ସର୍କଲ ସହଯୋଗ କରୁଛନ୍ତି। ଗୁରୁବାର କର୍ମଶାଳାର ଶୁଭାରମ୍ଭ ହୋଇଥିଲା। ମୁଖ୍ୟ ଅତିଥି ଭାବେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ପ୍ରଫେସର କିଶୋର କୁମାର ବସା, ମୁଖ୍ୟ ପୃଷ୍ଠପୋଷକ ଭାବେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ, ମୁଖ୍ୟ ବକ୍ତା ଭାବେ ଶର୍ମା ହେରିଟେଜ ଏଜୁକେସନ ସେଣ୍ଟର ନିର୍ଦ୍ଦେଶିକା ପ୍ରଫେସର ଶାନ୍ତି ପାପୁ, ପୃଷ୍ଠପୋଷକ ଭାବେ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର କମଳ ଲୋଚନ ବାରିକ, ସହ ପୃଷ୍ଠପୋଷକ ଭାବେ ବିଶ୍ୱବିଦ୍ୟାଳୟ ପିଏମ ଉଷା ନୋଡାଲ ଅଫିସର ପ୍ରଫେସର ଇନ୍ଦ୍ରଜିତ ନାୟକ, ସଂଯୋଜକ ଭାବେ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ଏବଂ ଜନଜାତି ବିଭାଗର ଆସୋସିଏଟ ପ୍ରଫେସର ଡ.ବସନ୍ତ କୁମାର ମହାନ୍ତ ଏବଂ ସହ ସଂଯୋଜକ ଭାବେ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ଏବଂ ଜନଜାତି ବିଭାଗର ଡ.ମୋନାଲି ଗୋସ୍ୱାମୀ, ଡ. ପ୍ରିୟଙ୍କା ଦାସ ଓ ଡ.ଭୁବନେଶ୍ୱର ଶବର ଯୋଗ ଦେଇଥିଲେ। ଏଥିରେ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ଏବଂ ଜନଜାତି ବିଭାଗ, ଇତିହାସ ବିଭାଗ, ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ନୃତତ୍ତ୍ୱ ବିଭାଗ ଓ ରେଭେନ୍ସା ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର, ଗବେଷକ, ଅଧ୍ୟାପିକା ଏବଂ ଅଧ୍ୟାପକମାନେ ଅଂଶଗ୍ରହଣ କରିଥିଲେ।



କର୍ମଶାଳାରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ରମାନେ।

# ରାସଗୋବିନ୍ଦପୁରରେ ଜବରଦଖଲ ଉଚ୍ଛେଦ

ମୋରଡ଼ା/ରାସଗୋବିନ୍ଦପୁର, ୧୨।୩ (ସ୍ୱାରକ ମାଜୀ/ସତ୍ୟବାଦୀ ପରିଡ଼ା)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁରରେ ଗୁରୁବାର ପୂର୍ବାହ୍ନ ୧୧ଟାରେ ତହସିଲ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ରାସଗୋବିନ୍ଦପୁର ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍‌ଏସି) ଘୋଷଣା ହେବା ପରେ ପ୍ରଶାସନ ପକ୍ଷରୁ ନିୟମ ଅନୁଯାୟୀ ସରକାରୀ ଜାଗା ଚିହ୍ନଟ କରାଯାଇଥିଲା ଏବଂ ତହସିଲ ପ୍ରଶାସନ ତରଫରୁ ଜବରଦଖଲ ଉଚ୍ଛେଦ ନିମନ୍ତେ ନୋଟିସ ଜାରି କରାଯାଇଥିଲା। ନୋଟିସ ଅନୁଯାୟୀ, ସରକାରୀ ଜାଗାରେ ଥିବା ୧୫ଟି ଦୋକାନକୁ ଉଚ୍ଛେଦ କରାଯାଇଥିବା ତହସିଲଦାର ଉପେନ୍ଦ୍ର ଦାସ କହିଛନ୍ତି। ତେବେ ଜବରଦଖଲ ସ୍ଥାନରେ ଏକ ମମତା ଗୃହ ଓ ଅଙ୍ଗନୱାଡି କେନ୍ଦ୍ର ଥିବା ବେଳେ ଉଚ୍ଛେଦ ପରେ ଏସବୁ ରାସଗୋବିନ୍ଦପୁର ବିଦ୍ୟାଳୟରେ ଅସ୍ଥାୟୀ ଭାବେ ଚାଲିବ ବୋଲି ତହସିଲଦାର ଦାସ ସୂଚନା ଦେଇଛନ୍ତି।


ଉଚ୍ଛେଦ ପରେ ବାସହୀନ ହୋଇ ପଡ଼ିଥିବା ଲୋକେ।

# ଶ୍ରୀମା' କଲେଜ ଓଡ଼ିଆ ବିଭାଗର ବାର୍ଷିକ ପାଠଚକ୍ର

ବାରିପଦା, ୧୨।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦାସ୍ଥିତ ଶ୍ରୀମା ମହିଳା ମହାବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ବାର୍ଷିକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷା ମୀନାକ୍ଷୀ ମହାନ୍ତି ପୌରହିତ୍ୟ କରି ସ୍ୱାଗତ ଅଭିଭାଷଣ ପ୍ରଦାନ କଲାପରେ ବିଭାଗ ମୁଖ୍ୟ ଡ. ମାନସୀ ରାଣୀ ବାରିକ ବିଷୟ ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ବିଭାଗ ଅଧ୍ୟାପକ ଦୀପକ କୁମାର ରାଉତ ଶୀର୍ଷକ ସମ୍ପର୍କିତ ସାର ନିର୍ଯ୍ୟାସ ପ୍ରଦାନ କରିଥିଲେ। ବିଷୟ ବିଶେଷଜ୍ଞ ଭାବରେ ପୂର୍ବତନ ପ୍ରାଧ୍ୟାପକ ଡ.ଅବନୀ କୁମାରୀ କୁଣ୍ଡୁ ବିଷୟ ସମ୍ପର୍କରେ ସାରଗର୍ଭକ ଅଭିଭାଷଣ ପ୍ରଦାନ କରିଥିଲେ। ବିଭାଗ ଅଧ୍ୟାପିକା ମିତାରାଣୀ ମିଶ୍ର ଶୀର୍ଷକ ଭିତ୍ତିକ ମନ୍ତବ୍ୟ ପ୍ରଦାନ କରିଥିଲେ। ଛାତ୍ରୀ ଅଙ୍କିତା ବାରିକ ଓ ରୀମା ମହାନ୍ତ ଶୀର୍ଷକ ସମ୍ପର୍କିତ ପ୍ରବନ୍ଧ ଉପସ୍ଥାପିତ କରିଥିଲେ। ଏହି ସଭାରେ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରୀମାନେ ଉପସ୍ଥିତ ଥିଲେ। ବିଭାଗ ଅଧ୍ୟାପିକା ଅଙ୍କିତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।


ପାଠଚକ୍ରରେ ଉପସ୍ଥିତ ଅତିଥି ଓ ଛାତ୍ରୀମାନେ।

# ମଇଦାନରେ ୨୨ ପ୍ରାର୍ଥୀ

ବାରିପଦା, ୧୨।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

**୨୮ରେ ଜିଲା ଓକିଲ ସଂଘ ନିର୍ବାଚନ**

- **ସଭାପତି ଦୌଡ଼ରେ ପ୍ରବୀର ଓ ଜ୍ୟୋତିପ୍ରକାଶ**
- **ଉପସଭାପତି ଓ କୋଷାଧ୍ୟକ୍ଷ ଅପ୍ରତିଦ୍ୱନ୍ଦ୍ୱୀ**

ମୟୂରଭଞ୍ଜ ଜିଲା ଓକିଲ ସଂଘ ନିର୍ବାଚନ ଚଳିତ ମାସ ୨୮ ତାରିଖରେ ଅନୁଷ୍ଠିତ ହେବ। ଏଥିପାଇଁ ୨୪ଜଣ ନାମାନଙ୍କ ପତ୍ର ଦାଖଲ କରିଥିବା ବେଳେ ଯାଞ୍ଚରେ ୨ଜଣଙ୍କ ପ୍ରାର୍ଥିପତ୍ର ନାକଚ ପରେ ୨୨ଜଣ ବୈଧ ପ୍ରାର୍ଥୀଙ୍କ ତାଲିକା ଗୁରୁବାର ପ୍ରକାଶ ପାଇଛି। ସଭାପତି ପାଇଁ ଆଶାୟୀ ଶାନ୍ତନୁ କୁମାର ପାଲ ଓ କାର୍ଯ୍ୟକାରୀ କମିଟି(ମହିଳା) ସଦସ୍ୟା ପଦ ଆଶାୟୀ ମଧୁସ୍ମିତା ସେଠୀଙ୍କର ନାମାଙ୍କନ ପତ୍ର ଯାଞ୍ଚରେ ନାକଚ ହୋଇଛି ବୋଲି ନିର୍ବାଚନ ଅଧିକାରୀ ତଥା ବରିଷ୍ଠ ଆଇନଜୀବୀ କିଶୋର ଚନ୍ଦ୍ର ମହାନ୍ତି କହିଛନ୍ତି। ଏଣୁ ସଭାପତି ପଦ ପାଇଁ ଜ୍ୟୋତିପ୍ରକାଶ ରଥ ଓ ପ୍ରବୀର କୁମାର ବସା ରହିଛନ୍ତି। ସେହିପରି ଉପସଭାପତି ପାଇଁ ଏକ ମାତ୍ର ପ୍ରାର୍ଥୀ ସତ୍ୟବ୍ରତ ଦାସ, ସମ୍ପାଦକ ପଦ ପାଇଁ ଜ୍ଞାନରଞ୍ଜନ ଜେନା ଓ ବିପ୍ଳବ ବାରିକ ନିର୍ବାଚନରେ ଅବତୀର୍ଣ୍ଣ ହୋଇଛନ୍ତି। ଯୁଗ୍ମ ସମ୍ପାଦକ (କଲ୍ୟାଣ) ପାଇଁ ସ୍ୱରୂପ କୁମାର ମିଶ୍ର ଓ ରତିକାନ୍ତ ସାହୁ, ଯୁଗ୍ମ ସମ୍ପାଦକ (ପ୍ରଶାସନ) ପାଇଁ ପଙ୍କଜ କୁମାର ମହାକୁଡ ଓ ମନୋଜ କୁମାର ମହାନ୍ତ, ଯୁଗ୍ମ ସମ୍ପାଦକ (ପାଠାଗାର) ପାଇଁ କୃଷ୍ଣଚନ୍ଦ୍ର ମହାନ୍ତି ଓ ସତ୍ୟନାରାୟଣ ବେହେରା ଏବଂ କୋଷାଧ୍ୟକ୍ଷ ପାଇଁ ପଦ୍ମଲୋଚନ ମହାନ୍ତ ଏକମାତ୍ର ଆଶାୟୀ ରହିଛନ୍ତି। ସେହିପରି କାର୍ଯ୍ୟକାରୀ କମିଟି(ଅଣସଂରକ୍ଷିତ) ୩ଟି ପଦ ପାଇଁ ଗିରିଶ୍ଚନ୍ଦ୍ର ମହାପାତ୍ର, ବୈଦ ପ୍ରକାଶ ପାରିକ, ଅନ୍ତର୍ଯ୍ୟାମୀ ବେହେରା, ଦେବରାଜ ମିଶ୍ର, ଗୌତମ ଶଙ୍କର ରାୟ ଓ ବିଶାଳ କୁମାର ରାମ ରହିଛନ୍ତି। କାର୍ଯ୍ୟକାରୀ କମିଟି ମହିଳା ପାଇଁ ସଂରକ୍ଷିତ ୫ଟି ପଦ ପାଇଁ ସ୍ୱପ୍ନା ମହାନ୍ତି, ବୈଜୟନ୍ତୀ ବାସ୍କେ, ସସ୍ମିତା ଘୋଷାଲ ଓ ରୂପଶ୍ରୀ ବାରିକ ରହିଛନ୍ତି । ଜିଲା ଓକିଲ ସଂଘର ୬୯୬ଜଣ ବୈଧ ଭୋଟର ରହିଛନ୍ତି। ନିର୍ବାଚନ ନେଇ ପ୍ରାର୍ଥିପତ୍ର ଦାଖଲ ଓ ଯାଞ୍ଚ ପରେ ୧୨ତାରିଖରେ ବୈଧ ପ୍ରାର୍ଥିପତ୍ର ତାଲିକା ପ୍ରକାଶ ପାଇଛି। ୧୩ରେ ନାମାଙ୍କନ ପ୍ରତ୍ୟାହାର ଓ ୧୪ରେ ଚୂଡାନ୍ତ ପ୍ରାର୍ଥୀଙ୍କ ନାମ ତାଲିକା ପ୍ରକାଶ କରାଯିବ। ଆବଶ୍ୟକ ଅନୁଯାୟୀ ମାର୍ଚ୍ଚ ୨୮ ତାରିଖ ପୂର୍ବାହ୍ନ ସାଢେ ୭ଟାରୁ ଅପରାହ୍ନ ୩ଟା ମଧ୍ୟରେ ନିର୍ବାଚନ ଅନୁଷ୍ଠିତ ହେବ। ଏହାପରେ ଅପରାହ୍ନ ୪ଟାରୁ ଭୋଟ ଗଣନା ହୋଇ ଫଳାଫଳ ପ୍ରକାଶ ପାଇବ।

## ସଂକ୍ଷେପରେ

### ମହାବୀରଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା

ବାସୁଦେବପୁର,୧୨।୩(କାଳିପଦ ରାୟ): ବାସୁଦେବପୁର ବ୍ଲକ ନାୟକାଣିଡିହୀ ବସ୍‌ଷ୍ଟାଣ୍ଡଠାରେ ମହାବୀରଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ୧୦୮ କଳସ ଶୋଭାଯାତ୍ରା, ଘଟ ସ୍ଥାପନ ପରେ ପୂଜା ଆରମ୍ଭ ହୋଇଥିଲା। ବୁଧବାର ମହାବୀରଙ୍କ ବିଗ୍ରହ ପ୍ରତିଷ୍ଠା ଓ ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୁରୁବାର ଯଜ୍ଞର ପୂର୍ଣ୍ଣାହୁତି, ସନ୍ଧ୍ୟାରେ ପ୍ରବଚନ ସହ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ପୂଜା କମିଟିର ସଭାପତି ବନମାଳୀ ପରିଡ଼ା, ସମ୍ପାଦକ ଗଣେଶ ପରିଡ଼ା, ସଭ୍ୟ ବିଦ୍ୟାଧର ସାହୁ, ଗୌରାଙ୍ଗ ବେହେରା, ସୁବାସ ମାଝୀ, ବିଦ୍ୟାଧର ବାରିକ, ଅଶୋକ କୁମାର ପରିଡ଼ା, ଦାଶରଥି ସିଂ, ବରେନ୍ଦ୍ର ମହାପାତ୍ର ଓ ଗ୍ରାମବାସୀ ସହଯୋଗ କରିଥିଲେ।

### ଜୟେଶ୍ୱରୀ, ହନୁମାନ ମନ୍ଦିର ବାର୍ଷିକୋତ୍ସବ

ଧୁଷୁରୀ, ୧୨।୩(ଦୀପ୍ତିରଞ୍ଜନ ନାୟକ): ଚାନ୍ଦବାଲି ବ୍ଲକ ଓଳଗ ଗ୍ରାମର ଆରାଧ୍ୟ ଦେବୀ ମା' ଜୟେଶରୀ ଓ ହନୁମାନଙ୍କ ମନ୍ଦିରର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସୋମବାର ଅଧିବାସ ଓ ମଙ୍ଗଳବାର କଳସ ଯାତ୍ରା କରାଯାଇଥିଲା। ବୁଧବାର ପ୍ରଭାତରୁ ମନ୍ଦିର ପରିସରରେ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଥିଲା। ସନ୍ଧ୍ୟାରେ ଅମିତ କୁମାର, ମନୋଜ କୁମାର ଓ ସାଥୀମାନଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ଗୁରୁବାର ସନ୍ଧ୍ୟାରେ ପୂର୍ଣ୍ଣାହୁତି ଦିଆଯାଇଛି। ପ୍ରତିଦିନ ମଧ୍ୟାହ୍ନ ଓ ସନ୍ଧ୍ୟାରେ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଗ୍ରାମର ହନୁମାନ କମିଟିର ସଭ୍ୟମାନେ ଉତ୍ସବରେ ସହାୟତା କରିଥିଲେ। ପୁରୋହିତ ଭାବେ ବସନ୍ତ କୁମାର ଶତପଥୀ, କାଳୀ ପ୍ରସାଦ ଶତପଥୀ, ରବିନାରାୟଣ ଦାଶ, ଗିରିଜା ଶଙ୍କର ଦାଶ, ଶଙ୍କର୍ଷଣ ଦାଶ, ଅନୀଲ କୁମାର ପଣ୍ଡା ପ୍ରମୁଖ ପୂଜା ସମ୍ପାଦନ କରିଥିଲେ। ମୁଖ୍ୟ କର୍ତ୍ତା ଭାବେ ସୌମ୍ୟ ରଞ୍ଜନ ନାୟକ ଓ ତାଙ୍କ ସ୍ତ୍ରୀ ତପସ୍ୱିନୀ ବେହୁରିଆ, ସହଯୋଗୀ କର୍ତ୍ତା ଭାବେ ସଞ୍ଜୟ ନାୟକ ଓ ଦେବାଶିଷ ନାୟକ ଦାୟିତ୍ୱ ତୁଲାଇଥିଲେ।

### ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ପ୍ରତିଷ୍ଠା ଦିବସ

ଭଦ୍ରକ,୧୨।୩(ସନାତନ ରାଉତ): ଭଦ୍ରକ ଜିଲା ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ୪୫ତମ ପ୍ରତିଷ୍ଠା ଦିବସ ଗୁରୁବାର ପାଳନ କରାଯାଇଛି। ଭଦ୍ରକ ସହର ବନ୍ତ ଛକ ନିକଟସ୍ଥ ଆଦିବାସୀ ବସ୍ତୀରେ ପ୍ରତିଷ୍ଠା ଦିବସ ପାଳନ ଅବସରରେ ପତାକା ଉତ୍ତୋଳନ କରାଯାଇଥିଲା। ଗଣତନ୍ତ୍ର, ସମାନତା, ନାରୀ ହିଂସା ମୁକ୍ତିର ଲକ୍ଷ୍ୟ ନେଇ ୧୯୮୧ରେ ମହିଳା ସମିତି ପ୍ରତିଷ୍ଠା କରାଯାଇଥିଲା। ଯେପର୍ଯ୍ୟନ୍ତ ଜଣେ ମହିଳାଙ୍କୁ ସାମାଜିକ, ରାଜନୈତିକ ଓ ଆର୍ଥିକ କ୍ଷେତ୍ରରେ ସମାନ ଅଧିକାର ନ ମିଳିଛି, ସେପର୍ଯ୍ୟନ୍ତ ଏ ଲଢ଼େଇ ଜାରି ରହିବ ବୋଲି ସମିତିର ରାଜ୍ୟ ସମ୍ପାଦିକା ସୁରଜିତା ନାୟକ ମତବ୍ୟକ୍ତ କରିଥିଲେ। ସମିତିର ଜିଲା ସଭାପତି ମମତା ଜେନା, ପ୍ରଭାତୀ ଜେନା, ସୀତାରାଣୀ ଦାସ, କାମିନୀ ଭୋଇ, ରୋଜାଲିନ ସାମ୍ୟବାଦୀ, ପକିନି ମୁଣ୍ଡା ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ଏକମାତ୍ର ନଳକୂପ ଅଚଳ, ପାଖ ଗାଁ ଭରସା

## ବିଡିଓଙ୍କ ନିକଟରେ ଅଭିଯୋଗ କଲେ ଚକଓରଡ଼ା ଗ୍ରାମବାସୀ

ତିହିଡ଼ି,୧୨।୩(ସଞ୍ଜିତ ବଳ)

ଗାଁରେ ମିଳୁନି ପାନୀୟ ଜଳ। ଗାଁରେ ଥିବା ଏକମାତ୍ର ନଳକୂପ କିଛିଦିନ ହେଲା ଅଚଳ ହୋଇପଡ଼ିଛି। ଫଳରେ ଗ୍ରାମବାସୀ ପାଖ ଗାଁରୁ ପାଣି ଆଣି ପିଉଛନ୍ତି। ତିହିଡ଼ି ବ୍ଲକ ଫତେପୁର ପଞ୍ଚାୟତ ଅଧୀନ ଚକଓରଡ଼ା ଗ୍ରାମରେ ଉପୁଜିଥିବା ଏ ପ୍ରକାର ସମସ୍ୟାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସେମାନେ ଗୁରୁବାର ବିଡିଓଙ୍କ ନିକଟରେ ଏ ସମ୍ପର୍କରେ ଅଭିଯୋଗ କରିବା ସହ ତୁରନ୍ତ ଅଚଳ ନଳକୂପ ସଚଳ କରିବାକୁ ଦାବି ଜଣାଇଛନ୍ତି।

ସେମାନେ ଦର୍ଶାଇଛନ୍ତି, ଏହି ଗ୍ରାମରେ ୫୦୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରନ୍ତି। ସେମାନଙ୍କୁ ପାନୀୟ ଜଳ ଯୋଗାଣ ପାଇଁ ଗାଁରେ ଥିବା ଗୋଟିଏ ମାତ୍ର ସରକାରୀ ନଳକୂପ ଅଚଳ ହୋଇପଡ଼ିଛି। ଫଳରେ ପାନୀୟ ଜଳ ପାଇଁ ଗ୍ରାମବାସୀ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ସେମାନେ


ଚକଓରଡ଼ା ଗ୍ରାମରେ ଅଚଳ ହୋଇପଡ଼ିଥିବା ନଳକୂପ।

ନିରୁପାୟ ହୋଇ ପାଖ ଗାଁରୁ ପାଣି ଆଣି ବ୍ୟବହାର କରୁଛନ୍ତି। ଏବେ ଖରା ଓ ଗୁଲୁଗୁଳି ଯୋଗୁ ଦୂରକୁ ଯାଇ ପାଣି ଆଣିବା କଷ୍ଟସାଧ ହେଉଥିବା ଶଙ୍କର୍ଷଣ ବେହେରା, ରାଜେନ୍ଦ୍ର ସାହୁ, ରବୀନ୍ଦ୍ର ବେହେରା, ନନ୍ଦିଘୋଷ ବେହେରା, ମାନସ ବେହେରା, ରୁଦ୍ର ବେହେରା, ବାପି ବେହେରା ପ୍ରମୁଖ ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଜଳ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ମାନସୀ ମହାପାତ୍ର କହିଛନ୍ତି, ନଳକୂପ ଅଚଳ ହେବା ସମ୍ପର୍କରେ ସେ ଜାଣିନାହାନ୍ତି। ତେବେ ନଳକୂପ ମରାମତି ଦିଗରେ ବ୍ୟବସ୍ଥା କରାଯିବ।

# ଅଗ୍ନିକାଣ୍ଡ: ୧୨ ପରିବାର ସର୍ବସ୍ୱାନ୍ତ

## ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ନଷ୍ଟ

ବାସୁଦେବପୁର,୧୨।୩
(ନାରାୟଣ ପ୍ରସାଦ ବାରିକ୍/ କାଳିପଦ ରାୟ)

ବାସୁଦେବପୁର ବ୍ଲକ ଅଧୀନ ଖରିଦା ବିନାୟକପୁର ପଞ୍ଚାୟତ ବାଗଦା ବିନାୟକପୁର ଗ୍ରାମର ୧ ନଂ. ୱାର୍ଡରେ ବୁଧବାର ବିଳମ୍ବିତ ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୧୨ ବଖରା ଘର ସମ୍ପୂର୍ଣ୍ଣ ଜଳିଯାଇଛି। ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଘରୋଇ ସାମଗ୍ରୀ ଓ ସମ୍ପତ୍ତି ପୋଡ଼ି ନଷ୍ଟ ହୋଇଯାଇଛି। ଏହି ଅଗ୍ନିକାଣ୍ଡରେ ୧୨ ପରିବାର ସର୍ବସ୍ୱାନ୍ତ ହୋଇପଡ଼ିଛନ୍ତି।

ହରିହର ଓଝା, ଶଶୀକାନ୍ତ ଓଝା, ମନୋହର ଓଝା, ଉଦୟ ନାରାୟଣ ଓଝା, ରମେଶ ଚନ୍ଦ୍ର ଓଝା, ଅକ୍ଷୟ ଓଝା, ଗୋପବନ୍ଧୁ ଓଝା, ମଧୁସୂଦନ ଓଝା, ଦୟାନିଧି ଓଝା, ସରସ୍ୱତୀ ଓଝା, ଖଗେନ୍ଦ୍ର ଓଝା ଏବଂ ଭଗବାନ ଓଝାଙ୍କ ଘର


ଜଳିଯାଇଥିବା ଘର।

ଜଳିଯାଇଛି। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ି ନ ଥିବାବେଳେ ରାତି ପ୍ରାୟ ୩ଟା ବେଳେ ଘରେ ନିଆଁ ଲାଗିଯାଇଥିବା ଜଣାପଡ଼ିବା ପରେ ଜୀବନ ବିକଳରେ ୧୨ ପରିବାର ଲୋକ ଘରୁ ବାହାରକୁ ପଳାଇ ଆସିଥିଲେ। ଖବରପାଇ ଅଗ୍ନିଶମ କର୍ମକାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କମାରଗାଁ ରାଜସ୍ୱ ନିରୀକ୍ଷକ ମମିତା ମଲ୍ଲିକ ପହଞ୍ଚି କ୍ଷୟକ୍ଷତି ଆକଳନ କରିଥିବା ବେଳେ ଅଗ୍ନିବିପନ୍ନ ପରିବାରକୁ ପଲିଥିନ ପ୍ରଦାନ କରାଯାଇଛି। ବିଜେଡି ପକ୍ଷରୁ ସମସ୍ତ କ୍ଷତିଗ୍ରସ୍ତ ପରିବାରକୁ ପଲିଥିନ ଓ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ବ୍ଲକ ବିଜେଡି ସଭାପତି ଦୀନବନ୍ଧୁ ଦାସ, ବ୍ଲକ ଉପାଧ୍ୟକ୍ଷଙ୍କ ପ୍ରତିନିଧି ଚିନ୍ମୟ ବାରିକ, ପାରିଷଦ ମାନସ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ସହାୟତା ପ୍ରଦାନ କରିଥିଲେ।

### ବାବା ନାଗେଶ୍ୱରଙ୍କ ନୂତନ ମନ୍ଦିର, ବିଗ୍ରହ ପ୍ରତିଷ୍ଠା ଉତ୍ସବ

ଧାମନଗର,୧୨।୩(ଦେବେନ୍ଦ୍ର ଆଦିଆ): ଧାମନଗର ବ୍ଲକ ଅର୍ଜୁନପୁର ପଞ୍ଚାୟତ ବାଲିପାଟଣା ନିକଟ ମଠସାହି ଗ୍ରାମର ବୈତରଣୀ ନଦୀ କୂଳରେ ଥିବା ବାବା ନାଗେଶ୍ୱରଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଗୁରୁବାର ଶେଷ ହୋଇଛି। ୯ ତାରିଖରୁ ଉତ୍ସବ ଆରମ୍ଭ ହୋଇଥିଲା। ଶାସ୍ତ୍ରୀୟ ବିଧି ଅନୁଯାୟୀ ନୀତି ନିର୍ଦ୍ଧାରଣ, ମଣ୍ଡଳଧିବାସ ଓ ଅଙ୍କୁରାରୋପଣ, ଅଧିବାସ, କଳସ ଯାତ୍ରା, ଗ୍ରାମ ପରିକ୍ରମା, ମନ୍ଦିର ପରିସରରେ ବିଗ୍ରହ ସ୍ନାନ ଓ ଶୟନ ନୀତି କରାଯାଇଥିଲା। ବିଗ୍ରହଙ୍କ ପ୍ରାଣ ପ୍ରତିଷ୍ଠା, ପ୍ରଭୁଙ୍କ ନବଯୌବନ ଦର୍ଶନ ସହ ଯଜ୍ଞ ପୂର୍ଣ୍ଣାହୁତି ଦିଆଯାଇଥିଲା। ପ୍ରତ୍ୟେକ ଦିନ ଭଜନ କୀର୍ତ୍ତନ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅଞ୍ଚଳର କେତେଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗ୍ରାମବାସୀଙ୍କ ସହଯୋଗରେ ସଭାପତି କୈଳାଶ ଦାସ, ସମ୍ପାଦକ ପ୍ରମୋଦ ଦାସ, କେଦାର ଦାସ, ସଭ୍ୟ ଅଜୟ ଦାସ, ଆନନ୍ଦ ଦାସ, ଦୀନବନ୍ଧୁ ଦାସ, ସୁରେନ୍ଦ୍ର ଦାସ, ଶଶିକାନ୍ତ ଦାସ ପ୍ରମୁଖ ପରିଚାଳନା କରିଥିଲେ। ସାମାଜିକ କର୍ମୀ ଅକ୍ଷୟ ନାୟକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

# ମନ୍ଦିର ପ୍ରତିଷ୍ଠା ଉତ୍ସବରେ କଳସ ଶୋଭାଯାତ୍ରା


କୁବେରପୁର ଗ୍ରାମରେ ମହିଳାମାନେ କଳସ ଶୋଭାଯାତ୍ରାରେ ଯାଉଛନ୍ତି।

ତିହିଡ଼ି,୧୨।୩ (ସଞ୍ଜିତ ବଳ)

ତିହିଡ଼ି ବ୍ଲକ ବାହାବଳପୁର ପଞ୍ଚାୟତ ଅଧୀନ କୁବେରପୁର ଗ୍ରାମରେ ତ୍ରିନାଥଦେବଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଗୁରୁବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଶତାଧିକ ମହିଳା ମନ୍ଦିର ନିକଟରୁ ଶୋଭାଯାତ୍ରାରେ ବାହାରି ମାଟିଆସାହି ଘାଟ ନିକଟରେ ପହଞ୍ଚିଥିଲେ। ସେଠାରେ ସେମାନେ ମନ୍ତେଇ ନଦୀରେ କଳସ ବୁଡ଼ାଇ ଫେରିବା ପରେ କଳସକୁ ମନ୍ଦିର ନିକଟ ଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇଥିଲା। ସକାଳେ ଶୁଭାଧିବାସ ଓ ଅଙ୍କୁରାରୋପଣ କାର୍ଯ୍ୟ ଅନୁଷ୍ଠିତ ହୋଇଥିବା ବେଳେ ଶୁକ୍ରବାରଠାରୁ ଯଜ୍ଞ ଆରମ୍ଭ ହେବ। କର୍ତ୍ତା ଭାବେ ଲକ୍ଷ୍ମୀଧର ବେହେରା ଓ ତାଙ୍କ ସ୍ତ୍ରୀ କନକଲତା ବେହେରା, ପୁରୋହିତ ଭାବେ ସନ୍ତୋଷ ମିଶ୍ର, ଜଗବନ୍ଧୁ ମିଶ୍ର, ତପନ ମିଶ୍ର, ଭାଗବତ ଅଗସ୍ତି ଓ ପ୍ରଶାନ୍ତ କୁମାର ସାମନ୍ତ ପୂଜା କାର୍ଯ୍ୟ ତୁଲାଉଛନ୍ତି। ପ୍ରତ୍ୟେହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି। ଏହି ଉତ୍ସବ ୩ ଦିନ ହେବାକୁ ଥିବାବେଳେ ଶନିବାର ଯଜ୍ଞର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ରହିଛି। ପୂର୍ବତନ ସରପଞ୍ଚ ଅମରେନ୍ଦ୍ର ବେହେରା, ବାବୁରାମ ବେହେରା, ଭରତ କୁମାର ସାହୁ, ମଧୁସୂଦନ ମଲ୍ଲିକ, ବିପିନ ବିହାରୀ ମଲ୍ଲିକ, ଗଣେଶ ବେହେରା, ରାମଚନ୍ଦ୍ର ସାହୁ, ଉପେନ୍ଦ୍ର ନାୟକ ପ୍ରମୁଖ ଗ୍ରାମବାସୀ ସହଯୋଗ କରୁଛନ୍ତି।

### 'ଛାତ୍ରବତ୍ସଳ ଶିକ୍ଷକ ଥିଲେ ରବିନାରାୟଣ'

ଭଦ୍ରକ,୧୨।୩(ସନାତନ ରାଉତ): ଭଦ୍ରକ ବ୍ଲକ ଗରଦପୁରସ୍ଥିତ ଗାନ୍ଧୀ ବାଳାଶ୍ରମ ମଧ୍ୟଇଂରାଜୀ ବିଦ୍ୟାଳୟର ସହକାରୀ ଶିକ୍ଷକ ରବିନାରାୟଣ ତିଆଡ଼ିଙ୍କ ବିୟୋଗରେ ଗାନ୍ଧୀ ବାଳାଶ୍ରମ ପରିସରରେ ଗୁରୁବାର ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଗାନ୍ଧୀ ବାଳାଶ୍ରମର ସମ୍ପାଦକ ଅଶୋକ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ତ୍ୟାଗଭୂମିର ସଭାପତି ଅଜୟ ନାୟକ, ଅନ୍ୟତମ ଅତିଥି ଭାବେ ବିମଳା ନାଟ୍ୟ ସଂସଦର ସଭାପତି ଗୌରାଙ୍ଗ ବାରିକ, ଉର୍ଦ୍ଦୁ କବି ମୁସ୍ତାକ ଗହ୍ୱର, ପୂର୍ବତନ ସିଆର୍‌ସିସି ବିରେନ୍ଦ୍ର ମାଝୀ, ନବକିଶୋର ପଣ୍ଡା, ସିଆର୍‌ସିସି ସେକ୍ ଜହିରୁଦ୍ଦିନ୍, ଶିକ୍ଷକ ଦଲେଇ ହେମ୍ବ୍ରମ୍, ଲକ୍ଷ୍ମଣ ସୋରେନ, ଧରଣୀଧର ସେଠୀ, ଜାକିର ଅଲ୍ଲି ଖାଁ, ଧରିତ୍ରୀ ବିଶ୍ୱାଳ, ସେକ୍ ସଫିରୁଦ୍ଦିନ, ସେକ୍ ଜମସେର ଅଲ୍ଲି, ପ୍ରେମାନନ୍ଦ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ରବିନାରାୟଣ ଜଣେ ଛାତ୍ରବତ୍ସଳ ଶିକ୍ଷକ ଥିଲେ। ତାଙ୍କର ତ୍ୟାଗପୂତ ଜୀବନ ଓ ଶିକ୍ଷାଦାନର ଶୈଳୀ ଚିରସ୍ମରଣୀୟ ହୋଇ ରହିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

# କଂଗ୍ରେସ ପକ୍ଷରୁ ଇଫ୍ତାର ପାର୍ଟି


ଇଫ୍ତାର ପାର୍ଟିରେ ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ।

ଭଦ୍ରକ,୧୨।୩(ସନାତନ ରାଉତ)
ଭଦ୍ରକ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଗୁରୁବାର ଅପରାହ୍ନ ୫ଟାରେ ରମଜାନ ମାସ ଅବସରରେ ଇଫ୍ତାର ପାର୍ଟି ଅନୁଷ୍ଠିତ ହୋଇଯାଇଛି। ଜିଲା କଂଗ୍ରେସ ସଭାପତି ନଳିନୀକାନ୍ତ ମହାନ୍ତି ଜଳପାନ କରାଇ ରୋଜା ଭାଙ୍ଗିଥିଲେ। ଜିଲା ସଭାପତି ମହାନ୍ତିଙ୍କ ପକ୍ଷରୁ ଆୟୋଜିତ ଇଫ୍ତାର ପାର୍ଟିରେ ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳ, ବରିଷ୍ଠ କଂଗ୍ରେସ ନେତା ଅବଦୁଲ ମୁକିତ ଖାନ, ପୂର୍ବତନ ଜିଲା କଂଗ୍ରେସ ସଭାପତି ସୁଧାକର ରାଉତ, ପୂର୍ବତନ ଜିଲା କାର୍ଯ୍ୟକାରୀ ସଭାପତି ନାରଣ ଚନ୍ଦ୍ର ପାଢ଼ୀଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦ ଯୋଗ ଦେଇଥିଲେ। ପୂର୍ବତନ ଜିଲା କାର୍ଯ୍ୟକାରୀ ସଭାପତି ଦେବରୂପ ମହାନ୍ତି, ବରିଷ୍ଠ ନେତା ପୀତବାସ ଧଳ, ଜିଲା ଉପସଭାପତି ପ୍ରଦ୍ୟୁମ୍ନ ଦାସ, ଜିଲା କୋଷାଧ୍ୟକ୍ଷ ବିଜୟ ବାରିକ, ରାଜ୍ୟ ଦଳିତ ସେଲ୍ ସଧାରଣ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ଜେନା, ଧାମନଗର ବ୍ଲକ ସଭାପତି ରମେଶ ବେହେରା, ଟାଉନ ସଭାପତି ପ୍ରମୋଦ ସ୍ୱାଇଁ, ଶର୍ମିଷ୍ଠା ପଣ୍ଡା, ରଞ୍ଜନ ଜେନା, ଯାହିଦ୍ ସାହା, ଯୁବନେତା ଇଲିୟାସ ଖାନ୍, ଏନାମୂଲ୍ ହକ୍, ସେକ୍ ହାସିନା, ସୁରେଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ପୂଜ୍ୟପୂଜା ସମ୍ମାନ, ବନ୍ଧୁମିଳନ


ପୂଜ୍ୟପୂଜା ସମ୍ମାନ ଓ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଭଦ୍ରକ, ୧୨।୩(ରବିନାରାୟଣ ଖିଲାର)

ଭଦ୍ରକ ଟାଉନ ହଲ୍‌ଠାରେ ବୁଧବାର ଦର୍ଶନ ପରିବାର ପକ୍ଷରୁ ପୂଜ୍ୟପୂଜା ସମ୍ମାନ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ବିଭୂତି ଭୂଷଣ ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲାପାଳ ଦିଲୀପ ରାଉତରାଏ, ବିଶିଷ୍ଟ ଅତିଥି ପ୍ରାକ୍ତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ବରେଣ୍ୟ ଅତିଥି ପୂର୍ବତନ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ସନ୍ଥ ଅଭିରାମ ସରସ୍ୱତୀ, ଶିକ୍ଷାବିତ୍ ନୀହାର ରଞ୍ଜନ ପଟ୍ଟନାୟକ, ବରିଷ୍ଠ ପ୍ରଶାସକ ମୋହନ ପ୍ରସାଦ ମିଶ୍ର, ମୁଖ୍ୟବକ୍ତା ଉତ୍କଳ ସାମ୍ବାଦିକ ସଂଘ ସଭାପତି ବିଭୂତି ଭୂଷଣ କର ଏବଂ ସମ୍ମାନିତ ବକ୍ତା ଭାବେ ଇଂ. ଅଭୟ ସୂତାର, ସାହିତ୍ୟିକ ପ୍ରଶାନ୍ତ ଭଦ୍ର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବହୁ ସଂଗଠନ ଓ ଖବରଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଖବରଦାତା ଆଶିଷ କୁମାର ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ଦର୍ଶନ ପରିବାରର ଅନ୍ୟତମ ମୁଖ୍ୟ ପ୍ରଣମିତା ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା

ଧାମନଗର,୧୨।୩(ଦେବେନ୍ଦ୍ର ଆଦିଆ)

ଧାମନଗର ସ୍ନାତକ ମହାବିଦ୍ୟାଳୟ ଅର୍ଥନୀତି ବିଭାଗ ଯୁକ୍ତ ୩ ବର୍ଷ ଛାତ୍ରୀଛାତ୍ରଙ୍କୁ ବୁଧବାର ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଅଧ୍ୟକ୍ଷ ଅଜୟ କୁମାର ବେଜଙ୍କ ପୌରୋହିତ୍ୟରେ ମହାବିଦ୍ୟାଳୟ ପରିସରରେ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଅଧ୍ୟାପିକା ବାସ୍ତବିକା ଦାସ, ମୁଖ୍ୟବକ୍ତା ଅଧ୍ୟାପକ ପ୍ରଦୀପ କୁମାର ରାୟ ଓ ଅନ୍ୟତମ ଅତିଥି ଭାବେ ଅଧ୍ୟାପକ ସନ୍ଦୀପ କୁମାର ଘୋଷ ଯୋଗ ଦେଇଥିଲେ। ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ଅତିଥିମାନେ ଆଲୋଚନା କରିବା ସହ ଛାତ୍ରୀଛାତ୍ର ନିଜ ଜୀବନର ଲକ୍ଷ୍ୟକୁ ନେଇ ଆଗେଇବାକୁ ପରାମର୍ଶ ଦେଇଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପିକା ସ୍ୱାଗତିକା ରାୟ କାର୍ଯ୍ୟକ୍ରମର ଆଭିମୁଖ୍ୟ ପ୍ରଦାନ କରିଥିଲେ। ଅଧ୍ୟାପିକା ଅମିତା ଦାସ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଛାତ୍ରୀ ଲିସାରାଣୀ ସାମଲ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଛାତ୍ରୀ ଅର୍ପିତା ବସନ୍ତିଆ ଏବଂ ପ୍ରିୟଙ୍କା ବାରିକ କଲେଜ ଅନୁଭୂତି ବଖାଣିଥିଲେ।



ଧାମନଗର ସ୍ନାତକ ମହାବିଦ୍ୟାଳୟରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଅତିଥିମାନେ।

## ହରମୋହନ ମହାପାତ୍ର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ

# ଫାଇନାଲରେ ଭଦ୍ରକ ୟୁନିକ୍ ୧୧

ଭଣ୍ଡାରିପୋଖରୀ,୧୨।୩
(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ବୟାବନାପୁର ପଞ୍ଚାୟତ ଚନ୍ଦ୍ରଭାନୁପୁର କ୍ରିକେଟ ପଡ଼ିଆରେ ଚାଲିଥିବା ହରମୋହନ ମହାପାତ୍ର ସ୍ମାରକୀ କ୍ରିକ୍ରେଟ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ୟୁନିକ୍ ୧୧ ଓ କଟକ ରାଇଜିଂ ଷ୍ଟାର୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ରାଇଜିଂ ଷ୍ଟାର୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ୍ ହରାଇ ୨୩୬ ରନ୍ କରିଥିଲା। ଦଳ ପକ୍ଷରୁ ସେହେଜାଦା ଖାନ ୯୦ ରନ୍ କରିଥିଲେ। ଭଦ୍ରକ ୟୁନିକ୍ ୧୭ ଓଭରରେ ୬ ଉଇକେଟ ହରାଇ ୨୩୯ ରନ୍ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ସତ୍ୟରଞ୍ଜନ ସାମଲ ୭୫ ଓ ଏମ୍‌ଡି ସୋହେଲ ୫୫ ରନ୍ କରିଥିଲେ।



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

ପ୍ରତିପକ୍ଷ ବୋଲର କୁନ୍ଦନ ଯାଦବ ୩ ଉଇକେଟ୍ ଅକ୍ତିଆର କରିଥିଲେ। ଭଦ୍ରକ ୟୁନିକ୍ ୧୧ ଫାଇନାଲରେ ପ୍ରବେଶ କରିଛି। ଭଣ୍ଡାରିପୋଖରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଭରତ ଚନ୍ଦ୍ର କରଣ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଏମ୍‌ଡି ସୋହେଲଙ୍କୁ ପରସ୍କୃତ କରିଥିଲେ। ଶାରଦା ପ୍ରସନ୍ନ ମହାପାତ୍ର ଓ ସତ୍ୟବ୍ରତ ଜେନା ଅମ୍ପାୟର ଭାବେ ମ୍ୟାଚ୍ ପରିଚାଳନା କରିଥିଲେ। ଶୋଭନ ଶଙ୍ଖୁଆ ସ୍କୋରର ଓ ପ୍ରତ୍ୟୁଷ ସାହୁ ଭାଷ୍ୟକାର ଦାୟିତ୍ୱ ତୁଲାଇଥିଲେ। ଶୁକ୍ରବାର ଭଦ୍ରକ ୟୁନିକ ୧୧ ଓ ଭୁବନେଶ୍ୱର ତମାଣ୍ଡୋ ଦଳ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।

# 'ଆଜିର ଉପନ୍ୟାସ ବଦଳୁଥିବା ସମୟର ସ୍ୱଷ୍ଟ ପ୍ରତିବିମ୍ବ'

ଭଦ୍ରକ,୧୨।୩(ସନାତନ ରାଉତ)

ଏବେ ଓଡ଼ିଆ ଉପନ୍ୟାସ ଏକ ବୃହତ୍ତର ରୂପାନ୍ତରଣ ଦେଇ ଗତି କରୁଛି। ଉପନ୍ୟାସ ଏବେ ଏକ ଶାଣିତ ବୌଦ୍ଧିକ ଆନ୍ଦୋଳନରେ ପରିଣତ ହୋଇଛି। ପରିବେଶ ସଙ୍କଟକୁ ସ୍ଥାନୀୟ ଜୀବନ ସହ ଯୋଡ଼ିବା ଏବଂ ପାଠକୀୟ ଚେତନାକୁ ଜାଗ୍ରତ କରିବା ହିଁ ଆଜିର ଉପନ୍ୟାସ ସାହିତ୍ୟର ନବଦିଗନ୍ତ ବୋଲି ଭଦ୍ରକ ମହିଳା କଲେଜ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ବୁଧବାର ଅନୁଷ୍ଠିତ ଜାତୀୟସ୍ତରୀୟ ଆଲୋଚନାଚକ୍ରରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ବିଭାଗ ମୁଖ୍ୟ ଅଧ୍ୟାପକ ଡ. ଅଭୟ କୁମାର ଦାସଙ୍କ ପୌରୋହିତ୍ୟରେ ଆୟୋଜିତ 'ସାମ୍ପ୍ରତିକ ଓଡ଼ିଆ ଉପନ୍ୟାସର ନବଦିଗନ୍ତ' ଶୀର୍ଷକ ସମ୍ମାନକୁ



ଅତିଥିଙ୍କୁ ପାଠଚକ୍ର ସମ୍ମାନ ପ୍ରଦାନ କରାଯାଉଛି।

ମହାବିଦ୍ୟାଳୟର ଅଧ୍ୟକ୍ଷା କଳ୍ପନା ଲେଙ୍କା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କୃତ କଥାକାର ପବିତ୍ର ପାଣିଗ୍ରାହୀ ଯୋଗଦେଇ ଆଜିର ଉପନ୍ୟାସ କେବଳ ଏକ ସାହିତ୍ୟିକ ସୃଷ୍ଟି ନୁହେଁ, ବରଂ ବଦଳୁଥିବା ସମୟର ସ୍ୱଷ୍ଟ ପ୍ରତିବିମ୍ବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗର ସହକାରୀ ପ୍ରଫେସର ଡ. ଜୟନ୍ତ କୁମାର ଦାସ ଏବଂ ବିଶିଷ୍ଟ ଅତିଥି ଭାବେ ପାଳିଆବିନ୍ଧା କଲେଜର ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ଡ. ବିଶ୍ୱରଞ୍ଜନ ଦାସ ଯୋଗ ଦେଇଥିଲେ। ଛାତ୍ରୀମାନେ 'ବନ୍ଦେ ଉତ୍କଳ ଜନନୀ' ଗାନ ଓ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ଅଧ୍ୟାପିକା ଅନୀତାରାଣୀ ବାରିକ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ। ପୂର୍ବତନ ଅଧ୍ୟକ୍ଷା ତଥା କବୟିତ୍ରୀ ସୁଚିତ୍ରା ପାଣିଗ୍ରାହୀ, ଡ. ମନୋଜ କୁମାର ସାହୁ, ରାଜେଶ ପାହାରୀ, ଅନୀଲ ବେହେରା, ଡ. ସଙ୍ଗୀତା ଦାସ, ଈପ୍ସିତା ବିଶ୍ୱାଳ, ଗୀତାଞ୍ଜଳି ସାହୁ ଏବଂ ଓଡ଼ିଆ ବିଭାଗର ସମସ୍ତ ଛାତ୍ରୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ବିଭାଗ ପକ୍ଷରୁ ଅତିଥିମାନଙ୍କୁ ପାଠଚକ୍ର ସମ୍ମାନ ପ୍ରଦାନକରାଯାଇଥିଲା। ଅଧ୍ୟାପିକା ପ୍ରମିଳା ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

